ସ୍ୱର୍ଗତ ଗୋଦାବରୀଶ ମିଶ୍ର

ଚଟଣି

Digitized by srujanika@gmail.com

ଚଟଣି

ଲେଖକ ସ୍ୱର୍ଗତ ପଣ୍ଡିତ ଗୋଦାବରୀଶ ମିଶ୍ର

ତୃତୀୟ ସଂସ୍କରଣ ୧୯୯୧

ପ୍ରକାଶକ

କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର

ମୂଲ୍ୟ : ଟ ୧୦-୦୦

Digitized by srujanika@gmail.com

ସୂଚୀ ପତ୍ର

ବିଷୟ	ପୃଷ୍ଠା	ବିଷୟ	ପୃଷ୍ଠା
ପୁନବସୁ	୧	ଶିକ୍ଷାର ଉପାୟ	୧୨
କ୍ଷମତା	୧	ଚିହ୍ନଟ	୧୨
ଉପଯୁକ୍ତ ଯୋଦ୍ଧା	୨	ନରମିଷାଶୀ	୧୨
ଭଦ୍ରତା	୩	ଦୀର୍ଘାୟୁର କାରଣ	୧୩
ପୋଡ଼ିଲା ! ପୋଡ଼ିଲା !	୩	ଚୋର ପରୀକ୍ଷା	୧୩
ପୂଜାର ଉଦ୍ଦେଶ୍ୟ	୪	ପ୍ରତିଜ୍ଞାର ମୂଲ୍ୟ	୧୩
ବାଟ ଭୁଲିବାର ପ୍ରଣାଳୀ	୪	ସମସ୍ତ ଜ୍ଞାନ	୧୪
ବେଶ୍ କୈଫିୟତ୍	୫	ଉନ୍ନତି	୧୪
ଘର ଅଙ୍କକଷା	୫	ଆତ୍ମ ପରିଚୟ	୧୪
ବେଶି ସୁବିଧା	୬	ଚଡ଼ାଣ୍ଡାମ	୧୫
ମୋ ପୁଅ ନୁହେ	୬	ପ୍ରକୃତ ରୋଜଗାର	୧୫
କପର ଜାଣିଲେ ?	୭	ବେଶି ଖରାପ	୧୬
ଶବ୍ଦର ମୂଲ୍ୟ	୭	ଗାଇ ଜାଣିବା	୧୬
କୃଷି କୌଶଳ	୮	ବାକ୍ୟାଳାପ	୧୬
ଦୁଇହାତ ବ୍ୟବଧାନ	୮	ଏ ପଟ ସେ ପଟ	୧୭
ବରପାତ୍ରର ଯୋଗ୍ୟତା	୮	ମୁଁ ଜଣେ ବଡ଼ ଲୋକ	୧୭
ବିଶ୍ୱାସୀ	୯	ପାଣି ମାଠିଏ	୧୮
ବର୍ଷାର ମାନଦଣ୍ଡ	୯	ପ୍ରତ୍ୟେକଲୋକର ଦରକାର ଅଛି	୧୮
ସମବେଦନା	୯	ସ୍କୁଲପ୍ରଶ୍ନ	୧୯
ପରିଚିତ	୧୦	ସାବଧାନ	୧୯
ବଡ଼କର	୧୦	ଶସ୍ତା	୨୦
ସଙ୍ଗୀହୀନ	୧୦	ପରିଚୟ	୨୦
ଶିକ୍ଷା	୧୧	ଚଢ଼େଇଙ୍କ ସ୍ୱଭାବ	୨୧
ପାଣି ନୁହେ	୧୨	ଭବିଷ୍ୟତ ଚିନ୍ତା	୨୧

Digitized by srujanika@gmail.com

ବିଷୟ	ପୃଷ୍ଠା
ଜଣକୁ ଦୁଇ ଜଣ	୨୧
ଅଁଷ୍ଟାଙ୍ଗିମା	୨୧
ବଡ଼ ଘାନ	୨୨
ବିଶ୍ୱାସ କଥା	୨୨
ଡ଼ାକବା	୨୨
ଜ୍ଞାନୋଦୟ	୨୩
ଚାଷକର ପୁଅ	୨୩
ବୟସ ତୁଳନାରେ ବେଶିବୁଦ୍ଧି	୨୩
କେଉଁଠାରେ ଲଞ୍ଜର ଆରମ୍ଭ	୨୪
ମୋଟ ଦର	୨୪
ଭୁଲ ଉପାୟ	୨୫
ପ୍ରକୃତତତ୍ତ୍ୱ	୨୫
ବହୁମୂଲ୍ୟ	୨୬
ଶିଷ୍ୟାଦକ୍ଷେତ୍ ପ୍ରୟୋଜନଂ	୨୬
ଗୋଟାଏ ମନ୍ଦ	୨୬
ଅଙ୍ଗଚ୍ଛେଦ	୨୭
ଡ଼ାକ୍ତରଙ୍କଠାରୁ ତୁ ବେଶୀଜାଣୁ ?	୨୭
ଶିକ୍ଷାର ଫଳ	୨୭
କେଉଁଠି	୨୮
ସୁଜାତ ସ୍ନେହ	୨୮
ଥଣ୍ଡା ବୁଝିନ	୨୮
କାହାର ବାପ ?	୨୯
ମିଳନ୍ତି	୨୯
ରୋଜଗାରର ଭଲ ଉପାୟ	୩୦
ଉତ୍ସାହ	୩୦
ପ୍ରଶଂସା	୩୦
ପ୍ରକାର ଭେଦ	୩୧

ବିଷୟ	ପୃଷ୍ଠା
ଉପଯୁକ୍ତ ପ୍ରତ୍ୟୁତ୍ତର	୩୧
ଧାର୍ମିକ ଉପାୟ	୩୨
ଲମ୍ବା ହୋଇଛୁ	୩୨
ରୋଗ ପରୀକ୍ଷା	୩୩
ଠିକ୍ ସେହି ସ୍ଥାନ	୩୩
ଆଗ ପଛ	୩୪
ଭିତରେ ଅଛୁ	୩୪
ଶାନ୍ତା ପରିଚୟ	୩୪
ଈଶ୍ୱର ରକ୍ଷା କରନ୍ତୁ	୩୫
ବ୍ୟବସାୟ ବୁଦ୍ଧି	୩୫
ସାବାଶ	୩୬
ବାଘ ଗୁହ	୩୬
ସୁଶିକ୍ଷା	୩୬
ଚରିତ୍ର ଗଠନ	୩୭
ଦକ୍ଷତାର ପରିଚୟ	୩୭
ଶଯ୍ୟା ମହାର୍ଘ	୩୮
ଗ୍ରାହକ	୩୮
ଘାତଟା କାରଣ	୩୯
ନିମନ୍ତ୍ରଣ	୩୯
ଶ୍ରଦ୍ଧା ଆଦାୟ	୪୦
ପିବାର କାରଣ	୪୦
ଘରେ ନାହାନ୍ତି	୪୦
ପୁରସ୍କାର	୪୧
ଗଣିତ ଜ୍ଞାନ	୪୧
ଲୋଷ୍ଟ୍ରବୃତ୍	୪୨
ମୋ ମୁଣ୍ଡ ମୋ ଟିକଟ	୪୨
କୁକୁରର ଉପହାର	୪୩

Digitized by srujanika@gmail.com

ବିଷୟ	ପୃଷ୍ଠା	ବିଷୟ	ପୃଷ୍ଠା
ଜାଣିଗଲ୍	୪୩	ପିଠା ଭାଗ	୫୨
କାହାକୁ ଦେଖିବ	୪୬	ଅପେକ୍ଷା	୫୨
ଚତୁରତା	୪୪	ଏଟା ସେଟା	୫୨
ଆହା ଛେଳ !	୪୫	ଯାନ	୫୩
କାର୍ଯ୍ୟକାରୀ-ସୂଚନା	୪୫	ଅଧେ	୫୩
ସର୍ବୋତ୍କୃଷ୍ଟ ଚଷମା	୪୫	କେବଳ ହଲ୍‌ଉଛି	୫୪
ନ୍ୟାଯ୍ୟ ସ୍ୱର	୪୬	ପୂର୍ବାପର ବକ୍ତୃର	୫୪
ସୁନ୍ଦର ପ୍ରତିକାର	୪୬	ଅପେକ୍ଷପାତ	୫୫
୬ ଏବଂ ୨୬	୪୬	ସୀତାରାମ	୫୫
କାହିଁକି ଆସିଛୁ ?	୪୬	ସ୍ୱର୍ଗଯାତ୍ରା	୫୫
ଅଳଙ୍କାରରେ ଉତ୍ତର	୪୬	ସମ୍ପର୍କ	୫୬
ସ୍ୱର୍ଗକୁ ଯିବାର ଉପାୟ	୪୬	ପକେଟରେ ଅଛି	୫୬
ଶ୍ୱଶୁର ଶ୍ରାଦ୍ଧ	୪୮	ଦୟା	୫୬
ତାଙ୍କୁ ନ ଥିଲ	୪୮	ତାର ଖାଦ୍ୟ	୫୬
ଆଖି ଫୁଟି ଯାଇଥାନ୍ତା	୪୯	ଗରମ ପାଣି ଶିକ୍ଷା	୫୮
ଆଉ କ ଉପାୟ ଅଛି	୪୯	ଖାଇବାର ପ୍ରକାର	୫୮
ବୃଥା ହୋଇଥାନ୍ତା	୪୯	ମୂଧାଯନ୍ତା	୫୮
ସ୍ୱରଞ୍ଜନ	୪୯	ଆଉ ଗୋଟାଏ କଣ ?	୫୮
ଘୋର ଅପମାନ	୫୦	ଭର୍ଯ୍ୟା ଦିଏ	୫୯
କାରଣ	୫୦	ବିଷ୍ଣୁର ଅଦାଲତ	୫୯
ହଆନଆ	୫୧	ବଦଳ	୫୯
ବହୁତ ଅଛି	୫୧	ଚୂପ୍‌ସ୍ଟ	୬୦

—*—

Digitized by srujanika@gmail.com

ଚଟଣି

* ପୁନରାଗ୍ମ *

ବାଗ୍ଧରପତ—"ତୁ ଫେର୍ ଆସିଲୁଣି । ଗତ ଥର ଦଣ୍ଡ ଦେଲା-
ବେଳେ ମୁଁ ତୋତେ କହିଥିଲି ନା ଯେ ଗ୍ଭେର କରି ମୋ
ପାଖରେ ଆସି ଆଉ ତୁ ଏଣିକି ମୁହଁ ଦେଖାଇବୁ ନାହିଁ ।"

ଅପରାଧୀ—"ଠିକ୍, ହଜୁର; ଆପଣ କହିଥିଲେ । ମୋର ସେ କଥା
ବେଶ୍ ମନେ ଅଛି; ମାତ୍ର ମୋର ଗ୍ଭେରି କଣ ? ମୁଁ କଣ
ଛାଏଁ ଆସିଛି ? ମୁଁ କେତେ ମନାକଲି ଆସିବାକୁ; ମାତ୍ର ଏ
ଚଣ୍ଡାଳ ପୋଲିସ୍‌ମାନେ କଣ ଛାଡ଼ିଲେ ? ମୋତେ ବାନ୍ଧି-
ନେଇ ଆସିଲେ । ମୋ ମୁହଁ ଆପଣ ଏଣିକି ଦେଖିବେ ନାହିଁ
ବୋଲି ଏ ପୋଲିସଙ୍କୁ କହନ୍ତୁ; ମୋତେ କହିଲେ, କିଛି
ଫଳ ନାହିଁ । ଧରି ଆଣିବାବାଲା ତ ସେମାନେ ।"

———

* କ୍ଷମତା *

ବାଗ୍ଧରପତ—"ତୁମେ ଯଦି ନିଜ ଭାର୍ଯ୍ୟାକୁ ପୋଷି ପାରିବନାହିଁ
ବୋଲି ଜାଣିଥିଲ, ଏଡ଼େ ଭଦ୍ର ପରିବାର କନ୍ୟାର ହାତ
ଧଇଲ କାହିଁକି ? ଦରିଦ୍ର ଘରେ ବାହା ହୋଇଥିଲେ ତ
ତୁମର ଚଳିଥାନ୍ତା ।"

ମୁଦାଲା—"ମୁଁ ମନେକଲି ବଡ଼ଲୋକ ଘର ଝିଅ ହେଉ ବା
ସାମାନ୍ୟଲୋକ ଘର ଝିଅ ହେଉ, ମୁଁ ଯେତେବେଳେ

Digitized by srujanika@gmail.com

କାହାକୁ ପୋଷି ନ ପାରିବ, ସେତେବେଳେ ବଡ଼ଲୋକ ଘର ଝିଅର ହାତ ଧରିବା ଭଲ; କାରଣ ମୁଁ ତାକୁ ପୋଷି ନ ପାରିଲେ, ସେ ମୋତେ ତ ଅନ୍ତତଃ ପୋଷିବ ।”

❋ ଉପଯୁକ୍ତ ଯୋଦ୍ଧା ❋

ରାଜା—“ଯୁଦ୍ଧ ତ ଶେଷ ହେଲା । ବର୍ତ୍ତମାନ ତୁମେ ସୈନିକମାନେ କହ, କିଏ କଣ କରିଛ ଯୁଦ୍ଧଭୂମିରେ ।”

ପ୍ରଥମ ସୈନିକ-“ମୁଁ ଖୁବ୍ ସାହସ କରି ଧାଇଁ ଯାଇ ଜଣେ ଶତ୍ରୁ ସୈନିକର ଗୋଡ଼ ଦୁଇଟା କାଟି ପକାଇଲି ।”

ରାଜା—“ମୂର୍ଖ ! ମୁଣ୍ଡ ନ କାଟି ଗୋଡ଼ କାଟିବାକୁ ଗଲୁ କାହିଁକି ?”

ପ୍ରଥମ ସୈନିକ—“ମୁଣ୍ଡହିଁ ହୁଏତ ମୁଁ କାଟିଥାନ୍ତି; ମାତ୍ର ତାକୁ ଆଗରୁ କିଏ କାଟି ଦେଇଥିଲା ।”

ରାଜା—“ତୋର ଯୋଗେ ମୁଁ ଆଜି ହାରିଲି । ଯା ! ଆଉ କିଏ କଣ କରିଛ, କହ ।”

ଦ୍ୱିତୀୟ ସୈନିକ—“ମହାରାଜ, ମୁଁ ଆଜି ଖୁବ୍ ଦମ୍ଭରେ ଧାଇଁଛି ।”

ରାଜା—“କଣ ଶତ୍ରୁ ସୈନିକ ପଛରେ ? ତାହାହିଁ ତ ଦରକାର ।”

ଦ୍ୱିତୀୟ ସୈନିକ—“ନା, ମୁଁ ପଛକୁ କାହିଁକି ଯିବ ? ମୁଁ ଆଗରେ ଥାଏ, ସେ ପାଜି ଶତ୍ରୁ ସୈନିକ ବରାବର ପଛରେ ପଡ଼ିଥାଏ ।”

ରାଜା—“ତୋର ଯୋଗେ ମୁଁ ହାରିଲି । ଯା ! ଆଉ କିଏ କଣ କରିଛ, କହ ।”

ତୃତୀୟ ସୈନିକ—“ମଣିମା, ଆପଣଙ୍କ ପୁଅ ଆଜି ଶତ୍ରୁ ହାତରେ ନିହତ ହୋଇଥାନ୍ତେ; ମୁଁ ତାଙ୍କୁ ସେ କଳଙ୍କରୁ ରକ୍ଷା କରିଛି ।”

Digitized by srujanika@gmail.com

ରାଜା—"ବେଶ୍ କରିଛୁ । ତୁ କଣ ଶତ୍ରୁ ସୈନିକଙ୍କୁ ମାରି ପକାଇଲୁ ?"

ତୃତୀୟ ସୈନିକ—"ନା ମଣିମା, ସେ ସମ୍ମୁଖ ଯୁବରାଜଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ମୁଁ ନିଜେ ତାଙ୍କ ମୁଣ୍ଡ କାଟି ପକାଇଲି; ନୋହିଲେ ଟିକିଏ ବିଳମ୍ବ ହୋଇଥିଲେ, ସେ ଯୁବରାଜଙ୍କ ମୁଣ୍ଡ କାଟି ପକାଇଥାନ୍ତା । ଖାଲି ଅପମାନ ଭୋଗିଥାନ୍ତେ ମାତ୍ର ।"

❋ ଭଦ୍ରତା ❋

ମହନ୍ତ—"ତୋ ନାମ କଣ ?"

ଭିଖାରୀ ପିଲା—"ଲକ୍ଷ୍ମଣ ଦାସ ।'

ମହନ୍ତ—"ତୁ ଭିଖ ମାଗ ଆସିଛୁ; ତୋର ଭଦ୍ରତା ଶିଖିବା ନିତାନ୍ତ ଦରକାର । ନୋହିଲେ ତୋତେ ଭିଖ କିଏ ଦେବ ? ମୋ ପରି ଲୋକ ସଙ୍ଗେ କଥା କହିଲାବେଳେ ତୋର ପଦେ ପଦେ 'ମହାରାଜ' କହିବା ଦରକାର । ଫେରେ କହିଲୁ, ତୋର ନାମ କଣ ?

ଭିଖାରୀ ପିଲା—"ମହାରାଜ ଲକ୍ଷ୍ମଣ ଦାସ ।"

❋ ପୋଡ଼ିଲା ! ପୋଡ଼ିଲା ! ❋

ଦରିଦ୍ର ଭିଖାରୀ ସାରା ଦିନ ଉପବାସରେ କଟାଇ ଅନେକ ରାତିରେ ଏକ ଗ୍ରାମରେ ଯାଇ ପହଞ୍ଚିଲା । ସେ ଗ୍ରାମରେ ସେ ଖାଇବାକୁ ପାଇବ ବୋଲି ଆଶା କରିଥିଲା; ମାତ୍ର ଲୋକେ ଶୋଇ-

Digitized by srujanika@gmail.com

ପଡ଼ିଥିଲେ । ସେ ଅନେକ ଡାକିଲା; କିନ୍ତୁ କେହି ଉଠିଲେ ନାହିଁ । ଶେଷରେ ସେ "ପୋଡ଼ିଲା, ପୋଡ଼ିଲା" ବୋଲି ଚିତ୍କାର କରିବାରୁ ଲୋକେ ତତ୍‌କ୍ଷଣାତ୍ ଦ୍ୱାର ଫିଟାଇ ପଦାକୁ ଆସି ପଚାରିଲେ "କଣ ପୋଡ଼ିଲା ?"

"ମୋ ପେଟ, ଭୋକରେ ଜଳୁଛି । ମୋତେ ମୁଠାଏ ଖାଇବାକୁ ଦିଅ ।"

❋ ପୂଜାର ଉଦ୍ଦେଶ୍ୟ ❋

ତ୍ରିବେଣୀ—"ମିଶ୍ରେ ଆପଣେ, ଆପଣଙ୍କ ଘରେ ଯେ ଦୁର୍ଗାପୂଜା ଖୁବ୍ ଜାକଜମକରେ ହେଉଥିଲା, ତାହା ଏ ବର୍ଷ ବନ୍ଦ କରି-ଦେଲେ କାହିଁକି ?"

ମିଶ୍ରେ—"ଦାନ୍ତ ପଡ଼ିଗଲେଣି, ଆଉ ମାଂସ ଚୋବାଇ ହେଉ-ନାହିଁ ।"

❋ ବାଟ ଚାଲିବାର ପ୍ରଣାଳୀ ❋

ଦିନେ ବର୍ଷାଦିନରେ ହାକିମ ଆସି କଚେରିରେ ଅନେକ ସମୟ ବସିଲେ; ତଥାପି ପେସ୍କାରଙ୍କର ଦେଖାନାହିଁ । ପେସ୍କାର ବହୁତ ବିଳମ୍ବରେ ଆସି ପହଞ୍ଚିଲେ । ହାକିମ ପଚାରିଲେ, "ତୁମର ଏତେ ଡେରି ହେଲା ଯେ ?"

ପେସ୍କାର—"ହଜୁର ବାଟ ଏଡ଼େ କାଦୁଅ ଯେ ଆଗକୁ ଦୁଇ ପାଦ ପକାଇଲେ, ତାହା ପୁଣି ପଛକୁ ତିନି ପାଦ ଘୁଞ୍ଚିଯାଉଛି । ଆସି ପହଞ୍ଚିବି ବୋଲି କଣ ଭରସା ଥିଲା ?"

Digitized by srujanika@gmail.com

ହାକିମ—"ଏ ଖାଲି ମିଛ କଥା । ଦୁଇପାଦ ଆଗକୁ ପକାଇଲେ, ଯଦି ତିନି ପାଦ ପଛକୁ ଘୁଞ୍ଚି ଯାଉଥିଲ, ତେବେ ଆସି ପହଞ୍ଚିଲ କିପରି ?"

ପେସ୍କାର—"ହଜୁର ମିଛ କଥା ନୁହେଁ । ମୁଁ ଅବସ୍ଥା ଦେଖି କଚେରି ଆଡ଼କୁ ପଛ ଓ ଘର ଆଡକୁ ମୁହଁ କରି ନ ଥିଲେ କଣ ଆସିଥାନ୍ତି କି ? ଫେରିଯାଇ ତ ଘରେ ପହଞ୍ଚିଥାନ୍ତି ।"

❋ ବେଶ୍ କୈଫିୟତ୍ ❋

ଦିନେ ଜଣେ କିରାଣି ବିଳମ୍ବରେ ଅଫିସକୁ ଆସି ପୁଣି ଅଫିସ ବନ୍ଦ ହେବା ପୂର୍ବରୁ ଘରକୁ ଚାଲିଯାଉଥିଲା । ତାହା ଲକ୍ଷ୍ୟକରି ଅଫିସର ବଡ଼ବାବୁ କହିଲେ, "ତୁମ୍ଭେ ଆସିଲ ତ ଏତେ ଉଛୁରରେ, ପୁଣି ଏତେ ଶୀଘ୍ର ଚାଲିଯାଉଛ ଯେ ! କଣ ଦରକାର ଟଙ୍କା ମୋଫତ ପଡ଼ୁଛି ନା କଣ ?"

କିରାଣି—"ଆଜ୍ଞା, ଏକା ଦୋଷ ଦିନକ ମଧ୍ୟରେ ଦୁଇଥର କାଳେ ଘଟିଯିବ, ସେଥିପାଇଁ ସାବଧାନ ହୋଇ ଚାଲିଯାଉଛି । ଦୋଷଟା ଦିନରେ ଥରେ ହେଲେ ଯିନା ହାକିମ ମାଫ୍ କରିବେ । ଦିନକେ ଏକ ଦୋଷ ଦୁଇଥର ହେଲେ, କିଏ ସହିବ ?"

❋ ଘର ଅଙ୍କକଷା ❋

ଛାତ୍ରମାନେ ଛୁଟିରେ ଘରେ କଷି ଆଣିବାକୁ ଶିକ୍ଷକ ଏହି ଅଙ୍କଟି ଦେଇଥିଲେ—"ପୁରୀରୁ କଟକ ତ୍ରେଶ ମାଇଲ । ଜଣେ ଲୋକ ଘଣ୍ଟାକେ ତିନି ମାଇଲ ହିସାବରେ ଚାଲିଲେ, ତାକୁ

Digitized by srujanika@gmail.com

କଟକରୁ ପୁରୀ ଯାଇ ପୁରୀରୁ ଫେରି ଆସି କଟକରେ ପହଞ୍ଚିବାକୁ କେତେ ଘଣ୍ଟା ଲାଗିବ ।"

ତାହାର କେତେକ ଦିନ ପରେ ଶିକ୍ଷକ ଜଣେ ଛାତ୍ରର ପିତାଙ୍କଠାରୁ ଏହି ଚିଠି ଖଣ୍ଡି ପାଇଲେ—"ମହାଶୟ ! ମୋ ପୁଅ ଘରେ କଷିବାକୁ ଆପଣ ଆଉ ଏଣିକି ଅଙ୍କ ଫଙ୍କ କିଛି ଦେବେ ନାହିଁ । ମୁଁ ଖର୍ଚ୍ଚାନ୍ତ ହୋଇ ଜଣେ ଲୋକକୁ ଚଲାଇ ପୁରୀ ପଠାଇଲି । ସେ ପୁରୀ ଯାଇ ପୁଣି ଏଠାକୁ ଆସିଲା; ମାତ୍ର ଆପଣ ଶେଷରେ କହିଲେ ଯେ ଫଳ ଭୁଲ ହେଲା । ମୁଁ ପୁଅ ପଢ଼ିବାକୁ ଦରମା ଦେବି, ତା ବାଦେ ପୁଣି ଏ ସବୁ ଖର୍ଚ୍ଚ କରିବି, ଅଥଚ ଆପଣ ଶେଷରେ ଫଳ ଭୁଲ ବୋଲି କହିବେ । ତା ହେବ ନାହିଁ, ନୋହିଲେ ମୋ ପୁଅ ନ ପଢ଼ିବ ସିନା ।"

———

❋ ବେଶି ସୁବିଧା ❋

ବୁଢ଼ୀମା—"ବସ, ମୋ ଧନ ରାମି, କେତେ ମାଡ଼ ଖାଇଲୁ । ବାପା କିମିତି ବାଧା ଗୋଇଠା ମାଇଲା କହିଲୁ ଦେଖି ବସି ।"

ରାମ—"ସେ କଥା ହେଲେ, ମୁଁ ତ ବସିଲେ ଚଳିବ ନାହିଁ । ମୁଁ ଠିଆ ହେଲେ, ବେଶି ସୁବିଧା ହେବ ।"

———

❋ ମୋ ପୁଅ ନୁହେ ❋

ମଧୁ—"ଦେଖ, ଯଦୁ, ତୁମ ପୁଅ ମୋ ପୁଅକୁ ଆଜି ମାରି ପକାଇଛି । ସେ କଥା ବୁଝ । ନୋହିଲେ, ତୁମର ମୋର ଏତକ ।"

Digitized by srujanika@gmail.com

ଯଦୁ—"ମାରି ପକାଇଛ ! ତୁମ ପୁଅ କଣ ତେବେ ମରିଯାଇଛି ?"
ମଧୁ—"ନା, ମରିବ କାହିଁକି ? ମାଡ଼ ଖାଇଲେ କଣ କେବଳ
ମରିଯାଆନ୍ତି ?"
ଯଦୁ—"ତେବେ ସେ ମୋ ପୁଅ ନୁହେଁ । ଆଉ କିଏ ମାରିଥିବ ।"

———

❋ କିପରି ଜାଣିଲେ ❋

ନୈଷ୍ଠିକ ବ୍ରାହ୍ମଣ—"କହିଲୁ ଦେଖି, ପୁଅ, ପଠାଣମାନେ ବୁଢା
କୁକୁଡ଼ା ଓ ପିଲା କୁକୁଡ଼ା କିପରି ବାରି ଚିହ୍ନୁଛନ୍ତି । ମୁଁ ତ
ଦେଖିଲେ କିଛି ବୁଝି ପାରୁନାହିଁ । ତୁ କଣ ଜାଣିପାରୁଛୁ ?"
ପୁଅ—"କିଏ ବୁଢ଼ା କୁକୁଡ଼ା, କିଏ ପିଲା କୁକୁଡ଼ା ମୁଁ ଜାଣି-
ପାରେ ।"
ବ୍ରାହ୍ମଣ—"କିପରି ଜାଣିପାରୁଛୁ ?"
ପୁଅ—"ଦାନ୍ତ ଦ୍ୱାରା ।"
ବ୍ରାହ୍ମଣ—"ତୋଠୁ ବଳି ତ ମୂର୍ଖ ଜଗତରେ ନାହାନ୍ତି । କୁକୁଡ଼ାଙ୍କର
କଣ ଦାନ୍ତ ଅଛି ?"
ପୁଅ—"ତାଙ୍କର ନ ଥାଉ, ମୋର ତ ଅଛି ।"

———

❋ ଚଦର ମୂଲ୍ୟ ❋

ଚଦରକର—"ଏ ଚଦରଟି ପାଇଁ କେତେ ଦାମ ଦେବ ବୋଲି ତୁମେ
କହୁଛ ?"
ଖଦ୍ଦେଦାର—"ଚାରିଅଣା ।"
ଚଦରକର—"ଚାରିଅଣା ! କେବେ ଚଦର କିଣିଥିଲ ? ଖାଲି କାଗଜର
ମୂଲ୍ୟ ତ ଆଠଅଣା ହେବ ।"

Digitized by srujanika@gmail.com

ଖରିଦଦାର—"ହଁ, ହେବ । ମାତ୍ର ଏ କାଗଜ ଯେ ନଷ୍ଟ ବେକାମୀ କରିପକାଇଛ ।"

———

❋ କୃଷି କୌଶଳ ❋

ପୁଅ—"ବାପା, ଯେ ମଣ୍ଡା ଆମେ ଖାଉଁ, ତା ଭିତରକୁ ମୁଗ ଗଲା କିପରି ?"

ବାପା—"ସେଆଡ଼େ ଏକ ଦେଶ ଅଛି, ଯେଉଁଠାରେ କି ଚାଉଳ ଭିତରେ ମୁଗ ପୂରାଇ ବିଲରେ ବୁଣନ୍ତି ।"

———

❋ ଦୁଇହାତ ବ୍ୟବଧାନ ❋

ରାଜା—"ଯଦୁମଣି, କହ ଦେଖି, ଗଧ ଆଉ ତୁମ ମଧ୍ୟରେ କେତେ ତଫାତ୍ ।"

ଯଦୁମଣି ରାଜାଙ୍କ ନିକଟରେ ବସିଥିଲେ । ରାଜା ଓ ତାଙ୍କ ନିଜ ମଧ୍ୟରେ ଥିବା ବ୍ୟବଧାନ ମାପି ଉତ୍ତରରେ କହିଲେ, "ମହାରାଜ, ମୋଟେ ଦୁଇହାତ ।"

———

❋ ବରପାତ୍ରର ଯୋଗ୍ୟତା ❋

କନ୍ୟାକର୍ତ୍ତା—"ତୁମେ ମୋ ଝିଅ ପାଇଁ ଉପଯୁକ୍ତ ବରପାତ୍ର ହେବ ବୋଲି ଅନେକେ କହିବାରୁ ମୁଁ ଆସିଛି । ତୁମେ ନିଜେ କଣ କହୁଛ ?"

ବରପାତ୍ର—"ଆପଣ ଜଣେ ଜମିଦାର; ମୋତେ କାହିଁକି ଆପଣଙ୍କ ଝିଅକୁ ଦେବେ ? ମୁଁ ସାମାନ୍ୟ ଲୋକ ଜଣେ । ଗୋଟିଏ ଦୋକାନ ଚଳାଉଛି ମାତ୍ର ।"

Digitized by srujanika@gmail.com

କନ୍ୟାକର୍ତ୍ତା—"ମୁଁ ଜାଣିବାକୁ ଚାହେଁ ଯେ ଦୋକାନ ତୁମକୁ ଚଳାଇ ପାରୁଛି କି ନାହିଁ । ତୁମେ ଯେ ଦୋକାନ ଚଳାଉଛ ତାହା ତ ମୁଁ ଦେଖି ପାରୁଛି ।"

❋ ବିଶ୍ୱାସୀ ❋

ରାମ—"ଗୋପାଳ କଣ ବିଶ୍ୱାସୀ ଲୋକ ?"

ଶ୍ୟାମ—ହଁ, ସେ ଖୁବ୍ ବିଶ୍ୱାସୀ, ମୁଁ ତାକୁ ଅତ୍ୟନ୍ତ ବିଶ୍ୱାସ କରେ । ମୋର ଜୀବନ ପର୍ଯ୍ୟନ୍ତ ମୁଁ ତା ଠାରେ ସମର୍ପି ଦେଇପାରେ ।"

ରାମ—"ତା ହୋଇ ପାରେ । ମାତ୍ର ତାଠାରେ କୌଣସି ମୂଲ୍ୟବାନ ପଦାର୍ଥ ବିଶ୍ୱାସ କରି ସମର୍ପି ଦିଆଯାଇ ପାରେ ନା ?"

❋ ବର୍ଷାର ମାନଦଣ୍ଡ ❋

ପୁଅ—"ବାପା, ଆଜି କଣ ଭାରି ବର୍ଷା ହେବ ? ବାୟୁଚାପମାନ ଯନ୍ତ୍ର (ବାରୋମିଟର) ତଳକୁ ପଡ଼ିଯାଉଛି ।"

ପିତା—"କେତେ ତଳକୁ ?"

ପୁଅ—"ହଁ, ପାଞ୍ଚହାତରୁ କମ ନୁହେ, ପଡ଼ି ଏକାବେଳକେ ଭାଙ୍ଗି ଯାଇଛି ।"

❋ ସମବେଦନା ❋

ରାମର ବାପ ସଙ୍ଗେ ଯଦୁର ବିଶେଷ ଶତ୍ରୁତା ଥିଲା । ରାମ ପିତୃହୀନ ହେବାରେ ଯଦୁ ଆସି ମିଛ ସହାନୁଭୂତି ଦେଖାଇ କହିଲା, "ରାମ, ତୋର ଦୁଃଖ ଦେଖି ମୋର ଅନ୍ତରାତ୍ମା କାନ୍ଦୁଛି ।"

ରାମ—"ତା ହେବ ।" ମୋ ବାପ ବଞ୍ଚିଥିଲାବେଳେ କହିଥିଲା, 'ମୁଁ ମଲେ ତୋ ଦୁଃଖରେ ବିଲୁଆ କୁକୁର କାନ୍ଦିବେ ରେ ପୁଅ ।"

Digitized by srujanika@gmail.com

❋ ପରିଚିତ ❋

କୃଷ୍ଣ କଣେ ସାଧାସିଧା ଲୋକ । ଜନମୁଖରେ ତାର ସୁନାମ ଶୁଣି ଗୋବିନ୍ଦବାବୁ ଈର୍ଷାରେ ଜଳି ସେ କପରି ଲୋକ ଦେଖିବାକୁ ତା ଘରେ ଆସି ପହଞ୍ଚିଲେ । କୃଷ୍ଣ ଖାଇ ବସିଥିବାରୁ ଗୋବିନ୍ଦ-ବାବୁଙ୍କ ସହିତ ଦେଖା ହେବାର ବିଳମ୍ବ ଘଟିଲା । ଖାଇସାରି ଆସିବାରେ ଗୋବିନ୍ଦବାବୁ ନିଜର ପରିଚୟ ଦେଇ ଅହଂକାର ସହିତ କହିଲେ, "ମୁଁ ଅମୁକଙ୍କ ପୁଅ ।"

କୃଷ୍ଣ—"ଆରେ କିଏ ଅଛ, ବାବୁଙ୍କୁ ବୋତଲେ ଶୁଣ୍ଡିଘର ପାଣି ଆଣିଦିଅ ।"

ଗୋବିନ୍ଦବାବୁ—"କି ଅଭଦ୍ର ! ମୋତେ ଗୋବିନ୍ଦବାବୁ ଚିହ୍ନିପାରୁ ନାହିଁ, ମୁଁ ଅମୁକଙ୍କ ଜୋଇଁ ।"

କୃଷ୍ଣ—"ଆରେ ତାହାହେଲେ, ଚିଲମେ ଗୁଲି ଆଣି ଦିଅରେ ।"

❋ ବଡ଼ କରି

ପ୍ରଭୁ—"ଦେଖ, ଗୋବିନ୍ଦା, ଗୋଟାଏ ଗାତ ଖୋଳ ମାଟିରେ ।"

ଭୃତ୍ୟ—"ଆଚ୍ଛା, ସାଆନ୍ତ, ଯେ ମାଟି ବାହାରିବ, ତାକୁ ରଖିବି କେଉଁଠି ।"

ପ୍ରଭୁ—"ହଁ, ତା ତ ଠିକ୍ ! ଆଚ୍ଛା ଗୋଟାଏ କାମ କର । ଗାତଟା ଟିକିଏ ବଡ଼କରି ଖୋଳ ଯେ ତାରି ଭିତରେ ଗୋଟାଏ ପାଖେ ମାଟିଗୁଡ଼ିକ ରଖିନେବୁ ।"

❋ ସଙ୍ଗୀହୀନ ❋

ପୁତ୍ର—"ମା, ତୁମେ କଣ କେବେ ମିଛ କହୁଛ ?"

ମାତା—"କେବେ କପରି କହୁଛି, ରେ ଧନ ।"

Digitized by srujanika@gmail.com

ପୁତ୍ର—"ବାପା ମଧ୍ୟ କଣ ମିଛ କହୁଥିବେ ?"
ମାତା—"ହଁ, କେତେଥର କହୁଚନ୍ତି ।"
ପୁତ୍ର—"ଭାଇ, ବୁଢ଼ୀମା, ଖୁଡ଼ୀ କଣ ମିଛ କହୁଛନ୍ତି ବୋଲି ତୁମେ ଜାଣ ?"
ମାତା—"ଜାହିଁକି ଏତେ କଥା ନଖୋଇ ନଖୋଇ ପଚାରୁଛୁ ?"
ପୁତ୍ର—"ନାହିଁ, ମୁଁ ଦେଖୁଛି ଯେ ଯୁଧିଷ୍ଠିର ସ୍ୱର୍ଗରେ ଯାଇ ନିତାନ୍ତ ଏକୁଟିଆ ପଡ଼ିଥିବେ ।"

❋ ଶିକ୍ଷା ❋

ଶିକ୍ଷକ—"ପିଲାମାନେ, ଏବେ ବୁଝିଲ, ଉତ୍ତାପରେ ବସ୍ତୁର ପ୍ରସାରଣ ଓ ଶୀତଳରେ ସଂକୋଚନ ହୁଏ । ଆଚ୍ଛା, ଏହାର ଗୋଟାଏ ଦୃଷ୍ଟାନ୍ତ ଦିଅ ଦେଖି ।"
ପ୍ରଥମ ଛାତ୍ର—"ଆମର ଛୁଟି । ଗ୍ରୀଷ୍ମଛୁଟି ହେଉଛି ଦେଢ଼ମାସ । ଶୀତକାଳର ବଡଦିନ ଛୁଟିଟା ଆଠଦିନ ମାତ୍ର ।"
ଦ୍ୱିତୀୟ ଛାତ୍ର—"ନା, ସେ ଭୁଲ କହିଲା । ଖରାଦିନେ ଦିନଟା କେତେ ଲମ୍ବା, ମାତ୍ର ଶୀତକାଳର ଦିନ ଭାରି ଛୋଟ ।"
ତୃତୀୟ ଛାତ୍ର—"ମୁଁ ଦେଖିଛି, ମୋ ବାପା ଗାଧୋଇବାକୁ ଯେ ପାଣି ଗରମ ହୁଏ, ସେ ଗୋଟାଏ ମସ୍ତବଡ ହାଣ୍ଡିରେ ହୁଏ । ମାତ୍ର ପିଇବା ନିମନ୍ତେ ଥଣ୍ଡାପାଣି ଗୋଟିଏ ଛୋଟିଆ ସୁରେଇରେ ରହେ ।"
ଚତୁର୍ଥ ଛାତ୍ର—"ମହାଶୟ; ମୁଁ କହିବ । ହାଣ୍ଡିଶାଳେ ଗରମରେ ରହିବାରୁ ମା ବଡ଼ ହୋଇଛନ୍ତି; ମୁଁ କପର ଏଡ଼େ ସାନ ହୋଇଛି ? ମୁଁ ହାଣ୍ଡିଶାଳର ପାଖ ମାଡେ ନାହିଁ ।"

Digitized by srujanika@gmail.com

✽ ପାଣି ନୁହେ ✽

ସ୍ୱାମୀ—"ଏ ଶୀତଦିନ ରାତି ଦୁଇ ପହରରେ ତୁମେ ମୋ ଉପରେ ଏ ପାଣିଗୁଡ଼ାକ ଢାଳି କଣ ଭଲ କଲ ?"

ସ୍ତ୍ରୀ—"ପାଣି କାହିଁ ମ ? ସେ ତ କୁଜିର ମୂତ । ଉଷୁମ ଲାଗୁନାହିଁ ଦେହକୁ ? ପାଣି ଢାଳିଲି କହି ମିଛରେ ମୋତେ ବକିବାକୁ ବସିଛ ।"

✽ ଶିକ୍ଷାର ଉପାୟ ✽

ବିଚାରପତି—"ତୁ ଯେ ନରହତ୍ୟା କରୁଛୁ, ତାହାର ଯଥେଷ୍ଟ ପ୍ରମାଣ ମୁଁ ପାଉଛି । ନରହତ୍ୟା ମହାପାପ, ତାହା ତୋହର ଶିଖିବା ଦରକାର । ତୋ ଅପରାଧର ଗୁରୁତ୍ୱ ଦୃଷ୍ଟିରୁ ମୁଁ ତୋତେ ଫାଶି ଦଣ୍ଡ ହୁକୁମ କରୁଛି ।"

ଅସାମୀ—"ଧର୍ମାବତାର, ହଜୁର ମୋତେ ଫାଶି ଦଣ୍ଡ ଦେଲେ ମୁଁ ତ ମରିଯିବି; ନରହତ୍ୟା ମହାପାପ ବୋଲି ଆଉ ଶିଖିବି କିପରି ?"

✽ ଚଷମା ✽

ବିଚାରପତି—"ମୁଁ ରାୟ ଦେବା ପୂର୍ବରୁ ତୋର କଣ କିଛି କହିବାର ଅଛି ?"

ଚୋର—"ଚୋର, ହଜୁର ! ଘରେ ଚୋର ପଶିବାର ଦେଖି ଯେ ଲୋକ ବରାବର ଭୟରେ ମୁହଁ ଘୋଡ଼ାଇ ଶୋଇ ରହିଥିଲା ତାର ଚଷମା ଉପରେ ବିଶ୍ୱାସ କରି ଆପଣ ମୋତେ ଦୋଷୀ ସାବ୍ୟସ୍ତ କରିବେ ? ସେ ଆଖି ଫିଟାଇ ମୋତେ ଦେଖିଛି ବୋଲି, କିଛି ପ୍ରମାଣ କରୁ ଦେଖି ।"

✽ ନିରାମିଷାଶୀ ✽

"ମୁଁ ଏଣିକି ନିରାମିଷାଶୀ ହେବି ।"

Digitized by srujanika@gmail.com

"କାହିଁକି, ଦେହର କୌଣସି ଅଭାବ ଦେଖି ଡାକ୍ତର କଣ ଆମିଷ ଛାଡ଼ିବାକୁ ପରାମର୍ଶ ଦେଲେ ନା କଣ ?"

"ନା ଡ଼ାକ୍ତର ପରାମର୍ଶ ଦେଇନାହାଁନ୍ତି; କେଉଟ ବାଧ୍ୟ କରୁଛି । ସେ ଆଉ କାଲିରେ ମାଛ ଦେବାକୁ ମଙ୍ଗୁନାହିଁ । ଗତ ଦୁଇ ବର୍ଷରେ ତାର ଶ୍ହେଶ ଟଙ୍କା ପର୍ଯ୍ୟନ୍ତ ବାକି ରହିଲାଣି ବୋଲି କହୁଛି । ଓଲୁ ତ, ଟଙ୍କା ଯେ ମୋଠାରେ କମା ରହୁଛି, ତା'କଣ ସେ ବୁଝୁଛି ? ନୋହିଲେ କି ବୁଧାତା କେଉଟକୁଳରେ ଜନ୍ମ ଦେଇଥାନ୍ତା ?"

❋ ଦୀର୍ଘାୟୁର କାରଣ ❋

ଛାତ୍ର—"ପଣ୍ଡିତ ମହାଶୟ, ବୁଢ଼ାମାନେ ବେଶି ଦିନ ବଞ୍ଚିବାର କାରଣ କ'ଣ ?"

ଶିକ୍ଷକ—"ଏ କଥା ଆଜିଯାଏ ଜାଣିନାହୁଁ ! ଯେଉଁମାନେ ଅଳ୍ପ ବୟସରେ ମରନ୍ତି, ସେମାନଙ୍କର ବୃଦ୍ଧାବସ୍ଥା ଆସେ ନାହିଁ । ତାହାହିଁ କାରଣ ।"

❋ ପାତ୍ର ପରୀକ୍ଷା ❋

କନ୍ୟାର ପିତା ବର ଦେଖିବାକୁ ଯାଇ ବରପାତ୍ରକୁ ପଚାରିଲେ, "ବାବୁ, ତୁମେ କଣ ପଢ଼ୁଛ ?"

ବରପାତ୍ର—"ଅ ଆ ।"

କନ୍ୟାର ପିତା—"ଆଚ୍ଛା, ଅ ଆ ଲେଖ ଦେଖି ।"

ବରପାତ୍ର—"ଅବଧାନଙ୍କୁ ଡାକ; ସେ ଆଗ ଲେଖିଦେଲେ ସିନା, ମୁଁ ତା ଉପରେ ଖଡ଼ି ବୁଲାଇ ଘୋଷିବି ।"

❋ ପ୍ରତିଜ୍ଞାର ମୂଲ୍ୟ ❋

"ବନ୍ଧୁ, କହ ଦେଖି, ତୁମର କୌଣସି ପ୍ରତିଜ୍ଞା ଭଙ୍ଗ ହେଲେ ତୁମେ ତା ପରେ କଣ କର ?"

Digitized by srujanika@gmail.com

"ମୁଁ ପୁନରାୟ ଏକ ନୂତନ ପ୍ରତିଜ୍ଞା କରେ ଶୂନ୍ୟସ୍ଥାନ ପୂର୍ଣ୍ଣ କରନଏ ।"

❋ ସମୟ ଜ୍ଞାନ ❋

ଗୃହକର୍ତ୍ତ୍ରୀ—"ଦୁଧ କେତେବେଳେ ଉତୁରି ଚୂଲୀରେ ପଡିବ ତାହା ଦେଖିବାକୁ ତୋତେ ମୁଁ କହିଗଲି । ତୁ ହାଣ୍ଡି କାହାକ ଦୁଧ ଚୂଲୀରେ ପୂରାଇ ଦେଇ ବସିଛୁ । କରୁଥିଲୁ କଣ, ଦେଖିଲ ନାହିଁ ?"

ପାଚକା—"ମୁଁ କଣ ଦେଖିଲି ନାହିଁ ? ଦୁଧ ତ ଉତୁରିଲା ଠିକ୍ ଆଠ ଘଣ୍ଟା ତ୍ରିଶ ମିନଟ୍ ସମୟରେ । ମୁଁ ଘଡ଼ି ଦେଖି ରଖିଛି ।"

❋ ଉନ୍ନତ ❋

ସ୍ତ୍ରୀ—"ତମେ କଣ ଜାଣିପାରୁଛ ଯେ ଆମ ଝିଅମାନେ ଆଗ ଅପେକ୍ଷା ସଙ୍ଗୀତ ଚର୍ଚ୍ଚା ଭଲ କରୁଛନ୍ତି ?"

ସ୍ୱାମୀ—"ଏଥିରେ କଣ ସନ୍ଦେହ ଅଛି ? ଦେଖୁନାହଁ ଆଗେ ଆଗେ କେବଳ ପଡ଼ିଶା ଘର ଲୋକେ ଆସି ଗାଳି ଦେଉଥିଲେ, ଏବେ ସାରା ଗ୍ରାମର ଲୋକେ ଗାଳି ଦେଉଛନ୍ତି, ଗୀତରେ ନାଦରେ ସେମାନେ ଶୋଇ ବସି ରହି ପାରୁନାହାନ୍ତି ବୋଲି କହୁଛନ୍ତି ।"

❋ ଆମ୍ର ପରିଚୟ ❋

ଛାତ୍ର—"ଗୁରୁ ମହାଶୟ, ଲୋକେ କଦଳୀ ଫଦଳୀ, ନଡ଼ିଆ ଫଡ଼ିଆ, ଆମ୍ବ ଫାମ୍ବ, ଏପରି ଯୋଡା ଶବ୍ଦ କାହିଁକି ବ୍ୟବହାର କରନ୍ତି ?"

Digitized by srujanika@gmail.com

ଗୁରୁ—"ସମସ୍ତେ ତ କରନ୍ତି ନାହିଁ; କେବଳ ନିମ୍ନ ଫିମ୍ନ ଶ୍ରେଣୀର ଲୋକେ, ଏଇ ହାଡ଼ି ଫାଡ଼ି, ବାଉରି ଫାଉରିମାନେ ଏପରି କହିଥାନ୍ତି । ବ୍ରାହ୍ମଣ, ଫ୍ରାହ୍ମଣ, କରଣ ଫରଣ ଏପରି କହିବା ଫଇବାର ତୁ କେବେ ଶୁଣିଛ ?"

❋ ଚଢ଼ାଦାମ ❋

ଚିଟିଘରବାଲା ଜଣେ ବାଟୋଇକୁ ଖାଇବା ସରଞ୍ଜାମ କାଲିରେ ଦେଇଥିଲା । ଆରଦିନ ସକାଳେ ସେ ବାଟୋଇଠାରୁ ଦାମ ଆଦାୟ କରିବାକୁ ଯାଇ ଦେଖିଲା ଯେ, ବାଟୋଇ ରାତି ଭିତରେ ଖସି ପଳାଇଛନ୍ତି । ତହୁଁ ସେ ବ୍ୟସ୍ତ ହୋଇ କହିଲା, "ସଇତାନକୁ ମୁଁ ପଇସାଏ, ଅଧଲାଏ କାଟି ଶସ୍ତାରେ ଜିନିଷ ଦେଲି. ଏପରି ରାତି ରାତି ପଳାଇବ ଜାଣିଥିଲେ, ପ୍ରତି ଜିନିଷ ଉପରେ ଆଉ ଦୁଇ ଚାରି ପଇସା କଷି ବସାଇଥାନ୍ତି । ଏବେ ଶସ୍ତା ପାଇ ଠକଦେଇ ଚାଲିଗଲା ନା"

❋ ପ୍ରକୃତ ରୋଜଗାର ❋

ପୁଅ ଓକିଲାତି ବ୍ୟବସାୟ ନୂଆ କରି କରନ୍ତି । ସେଥିପାଇଁ ରୋଜ ଭଡ଼ାଗାଡ଼ିରେ ଘରୁ କଚେରିକୁ ଯାନ୍ତି । ଦିନେ ସେ କଚେରିକୁ ନ ଯାଇ ଘରେ ରହିବାରୁ ବାପା ପଚାରିଲେ, "ଆଜି ତ କଚେରିକୁ ଗଲୁ ନାହିଁ; ଖର୍ଚ୍ଚବାର୍ଚ୍ଚ କିପରି ଚଳିବ, ଆଜି ତ ଉପାର୍ଜ୍ଜନ କିଛି ହେଲାନାହିଁ ?"

"ବାପା, ଆଜି ପ୍ରକୃତରେ ଏତେ ଦିନକେ କିଛି ରୋଜଗାର ହୋଇଛି । କାରଣ, ଗାଡ଼ିଭଡ଼ାଟା ହାତରୁ ଯେ ରୋଜ ପଡ଼େ, ଆଜି ପଡ଼ିନାହିଁ ।"

Digitized by srujanika@gmail.com

❋ ବେଶି ଖରାପ ❋

"ଘୂରଯା ଯେବେ ରାନ୍ଧ ଜାଣୁ ଥିବ, ଅଥଚ ରାନ୍ଧିବ ନାହିଁ; ତାଠାରୁ ବଳି ଖରାପ କଥା ଆଉ କଣ ଅଛି ?"

"ଅଛି, ଘରଯା ଯେବେ ରାନ୍ଧି ଜାଣୁ ନ ଥିବ, ଅଥଚ ରାନ୍ଧି ବସିବ ।"

❋ ଗାଇ ଜାଣିବା ❋

ଝିଅ ଗୀତ ଗାଉ ଗାଉ ମଝରେ ଗୀତ ବନ୍ଦ କରି କହିଲା—"ବାପା, ଗାଁ ସେ ମୁଣ୍ଡେ ମୋ ଯାଙ୍ଗେ ହରିହରଙ୍କୁ ଏ ଗୀତ ଶୁଭୁଥିବ ? ନୋହିଲେ ମୁଁ ଏ ସୁନ୍ଦର ଗୀତ ଗାଇ କାହିଁକି ନଷ୍ଟ କରିବ ?"

ବାପା—"ଶୁଭୁଛି ନିଶ୍ଚୟ, କାରଣ ସେ ଦୁଆରେ ବସିଥିଲା; ତୁ ଗୀତ ଆରମ୍ଭ କରିବାର ଦ୍ୱାର କିଳି ଘର ଭିତରକୁ ଚାଲିଗଲା ।"

❋ ବାକ୍ୟାଳାପ ❋

ମା—"ତୋର ଶଶୁର ଦୁଃଖ କରୁଥିଲେ ଯେ ତୁ ତାଙ୍କ କଥା କହୁନାହୁଁ । ଏଣିକି ତୁ ତାଙ୍କ ପାଖକୁ ଯାଇ କଥାବାର୍ତ୍ତା ହେବୁ, ଦୁଃଖ ସୁଖ ପଚାରିବୁ । ସେ ଯେତେବେଳେ ଆମ ଘରକୁ ଆସିଛନ୍ତି, ତୁ ସିନା ଯାଇ ଆଗରୁ ହାଲଚାଲ ପଚାରିବା ଦରକାର ।"

ପୁଅ—"ଆଚ୍ଛା ।"

ପୁଅ ଚାଲିଗଲା ପରେ ତାର ଶଶୁର ଆସି ମା'ଙ୍କ ପାଖେ ପହଞ୍ଚିଲେ ।

ମା—"ସମୁଧି, ପୁଅ ତ ତୁମକୁ କଣ ପଚାରିବ ବୋଲି ଖୋଜୁଥିଲା, ଦେଖିଲା କି ?"

ସମୁଧି—"ନା, ଆଚ୍ଛା ମୁଁ ତାଙ୍କ ପାଖକୁ ଯାଉଛି ।"

Digitized by srujanika@gmail.com

କୋଉଁ ଶଶୁରଙ୍କୁ ଦେଖି, ତାଙ୍କ ପାଖେ ଅନେକ ସମୟ ତୁନି ହୋଇ ବସି ଶେଷରେ ପଚାରିଲେ, "ଆପଣଙ୍କର ବିବାହ ହୋଇଛି ?"

❋ ଏ ପଟ ସେ ପଟ ❋

ନାରୀ—"ମୁଁ ଜଣେ ପୁରୁଷ କଥା ଶୁଣିଥିଲି । ସେ ଚାଳିଶ ବର୍ଷ ବୟସ ପର୍ଯ୍ୟନ୍ତ ଲେଖାପଢ଼ି ଜାଣି ନ ଥିଲା । ତାପରେ ଜଣେ ସ୍ତ୍ରୀ ବ୍ୟକ୍ତି ସହିତ ତାହାର ବନ୍ଧୁତା ଘଟିଲା । ସେହି ବନ୍ଧୁତା ଯୋଗେ ସେ ବୁଢ଼ା ବୟସରେ ପାଠ ପଢ଼ି ଦୁଇ ବର୍ଷରେ ଜଣେ ବଡ଼ ପଣ୍ଡିତ ହୋଇ ପଡ଼ିଲା । ଏ କଣ ଆଶ୍ଚର୍ଯ୍ୟର କଥା ନୁହେଁ ?"

ପୁରୁଷ—"ଏ କି ଆଶ୍ଚର୍ଯ୍ୟର କଥା ? ମୁଁ ଜଣେ ପୁରୁଷକୁ ଜାଣେ । ସେ ଚାଳିଶ ବର୍ଷ ବୟସବେଳେ ଜଣେ ବିଖ୍ୟାତ ପଣ୍ଡିତ ଥିଲେ । ସେତେବେଳେ ଜଣେ ସ୍ତ୍ରୀ ବ୍ୟକ୍ତି ସହିତ ତାଙ୍କର ସାକ୍ଷାତ ଘଟିଲା । ସେ ତା ସାଙ୍ଗରେ ପଡ଼ି ଦିନ ଦୁଇଟାରେ ନିତାନ୍ତ ମୂର୍ଖପଣ ଦେଖାଇଲେ ।"

❋ ମୁଁ ଜଣେ ବଡ଼ ଲୋକ ❋

ଧନୀ ଯୁବକ—"ମୁଁ ଭାବିଥିଲି ଯେ ଧନ ମୁଠାକ ଛାଡ଼ିଦେଲେ ମୋର ଆଉ କିଛି ନାହିଁ, ବିଦ୍ୟା, ବୁଦ୍ଧି ଗୁଣ ସବୁଥିରେ ମୁଁ ତୁଚ୍ଛା, କିନ୍ତୁ ଦେଖୁଛି, ମୋର ସେ ଧାରଣା ନିତାନ୍ତ ଭୁଲ । ଏଣିକି ମୋ ନିଜ ବିଷୟରେ ମୋତେ ଭିନ୍ନ ବିଶ୍ୱାସ ପୋଷଣ କରିବାକୁ ହେବ । ମୁଁ ପ୍ରକୃତରେ ସବୁ ବିଷୟରେ ଜଣେ ବଡ଼ଲୋକ ।"

ଆତ୍ମୀୟ—"କାହିଁକି ତୁମର ଧାରଣା ହଠାତ୍ ଏପରି ବଦଳି ଯାଇଛି ?"

ଧନୀଯୁବକ—"ମୋତେ ଟଙ୍କା ମାଗିବାକୁ ଜଣେ ଆସିଥିଲେ । ତାଙ୍କ ସଙ୍ଗେ କଥାବାର୍ତ୍ତା ହେବା ଫଳରେ ।"

Digitized by srujanika@gmail.com

❋ ପାଣିମାଠିଏ ❋

ନାଉରୀ ନଦୀରେ ନାଆ ବାହି ଯାଉଥିବା ସମୟରେ ଜୁଆର ଛାଡ଼ି ଯିବାରୁ ପାଣି କମିଗଲା । ନାଆତଳ ମାଟିରେ ଲାଗି ଅଚଳ ହୋଇ ରହିଲା । ନାଉରୀ ଦେଖିଲା ଯେ ପାଣି ବେଶି ନ ହେଲେ, ନାଆ ଚାଲିବା ଅସମ୍ଭବ । ନାଉରୀ ଶୀଘ୍ର ଯାଇ ନ ପାରି ନଦୀକୁ, ବରୁଣ ଦେବତାଙ୍କୁ, ନାଆକୁ, ନିଜ ଭାଗ୍ୟକୁ ଗାଳି ଦେବାରେ ଲାଗିଲା ।

ଏପରି ସମୟରେ ଦେଖିଲା ଯେ, ଜଣେ ବାଳକ କାଖରେ ମାଠିଆ ଧରି ପାଣି ନେବାକୁ ଆସୁଛି । ନାଉରୀ ତାକୁ କହିଲା, "ଦେଖ୍, ପାଣି କମିଯିବାର ମୁଁ ବନ୍ଦ ହୋଇ ପଡ଼ିଛି । ତୁ ନଦୀରୁ ଟୋପାଏ ପାଣି ନେବୁ ତ ତୋ ମୁଣ୍ଡ ଏ କାତ ବାଡ଼ିରେ ଉଡ଼ାଇ ଦେବି । ମୁଁ ଆଗେ ଯାଇପାରେ; ତୁ ମାଠିଏ କାହିଁକି ଦଶ ମାଠିଆ ନେଉଥା ।"

❋ ପ୍ରତ୍ୟେକ ଲୋକର ଦରକାର ଅଛି ❋

ଜଣେ ଉତ୍ସାହୀ ଯୁବକ ନିଜର ଆର୍ଥିକ ଅବସ୍ଥା ଭଲ କରିବାକୁ ଯାଇ ଚାଷ ଉଦ୍ଦେଶ୍ୟରେ କେତେକ ଜଙ୍ଗଲ ଜମି ନେଲେ । ସେଠାରେ ସପରିବାର ଘର କରି ରହିବାକୁ ମଧ୍ୟ ସ୍ଥିର କଲେ । ତାଙ୍କୁ ସାହାଯ୍ୟ କରିବା ନିମନ୍ତେ ସେ ଯେଉଁ ଲୋକମାନଙ୍କୁ ସଙ୍ଗରେ ନେଇଥିଲେ, ସେମାନଙ୍କ ମଧ୍ୟରେ ଜଣେ ଅଶୀ ବର୍ଷର ବୁଢ଼ା ଥିଲା ।

ସେ ବୁଢ଼ାକୁ ଦେଖି ତାଙ୍କୁ ଜଣେ ପଚାରିଲା, "ଆଚ୍ଛା, ଆପଣ ଏ ଅକର୍ମଣ୍ୟ ବୁଢ଼ାକୁ କାହିଁକି ଆଣିଛନ୍ତି ? ସେ ତ କିଛି କାମରେ ଆସିବ ନାହିଁ ।"

"ନା, ତାଦ୍ୱାରା କିଛି ହେଲେ କାମ ହୋଇପାରିବ ।"

Digitized by srujanika@gmail.com

"କି କାମ, କୁହନ୍ତୁ ଦେଖି ।"

"ଏ ନୂତନ ସ୍ଥାନରେ ଏ ପର୍ଯ୍ୟନ୍ତ ଶ୍ମଶାନ ଗୋଟିଏ ନାହିଁ । ସେ ତ ସେହି ଅଭାବ ଅନ୍ତତଃ ଦୂର କରିପାରିବ ।"

✽ ଭୁଲ ପ୍ରଶ୍ନ ✽

ଏମ୍. ଏ. ପରୀକ୍ଷାରେ ଗଣିତ ପ୍ରଶ୍ନ ପଢ଼ି, ପରୀକ୍ଷାର୍ଥୀ ଠୋ ଠୋ ହସି, ପ୍ରଶ୍ନକାଗଜ ପରୀକ୍ଷକଙ୍କ ନିକଟକୁ ଧରି ଗଲେ । ସେ କହିଲେ, 'ଗୋଟାଏ ପ୍ରଶ୍ନରେ ଏକ ମସ୍ତ ଭୁଲ ଅଛି ।"

'ଭୁଲ ! କେଜାଣି ରହି ଯାଇଥିବ । ଯାହାହେଉ, ଆପଣ ପ୍ରଥମରୁ ଦେଖାଇ ଦେଇଛନ୍ତି, ରକ୍ଷା । ଦେଖି, କି ଭୁଲ ।"

"ଏହି ଦେଖନ୍ତୁ,ଗୋଟାଏ ସଂଖ୍ୟା ଦେବାକୁ ଭୁଲି ଯାଇଛନ୍ତି ।"

"କାହିଁ, ମୁଁ ତ କିଛି ଭୁଲ ଦେଖୁନାହିଁ ।"

"ଆପଣ ଦେଖିପାରୁ ନାହାନ୍ତି । ପ୍ରଶ୍ନରେ ଅଛି, 'ଏକ ମାଇଲ ପଥରଠାରୁ ତା ପର ମାଇଲ ପଥର ପର୍ଯ୍ୟନ୍ତ ।' ଦୁହିଁଙ୍କର ବ୍ୟବଧାନ ନ ଦେଲେ, ଅଙ୍କ କଷା ହେବ କିପରି ?"

✽ ସାବଧାନତା ✽

ଶିକ୍ଷକ—"ଦୋକାନରୁ ପଇସାକର ଲୁଣ ଆଉ ପଇସାକର ଚିନି ଆଣିବାକୁ ହେବ । କିନ୍ତୁ ସାବଧାନ, ଦୁଇଟା ଚିଜ ଅଲଗା ଅଲଗା କରି ଆଣିବୁ । କାହାକୁ କାହିଁରେ ମିଶାଇବୁ ନାହିଁ । ମିଶାଇଲେ ହାଡ଼ ଗୁଣ୍ଡା କରିଦେବି । ଏଇ ନେ ଚିନିର ପଇସା, ଆଉ ଏଇ ନେ ଲୁଣର ପଇସା ।"

ଛାତ୍ର ଦୋକାନକୁ ଯାଇ ଖାଲିହାତରେ ଫେରିଆସିଲା ।

ତାହା ଦେଖି ଶିକ୍ଷକ ପଚାରିଲେ, "କିରେ ଜିନିଷ କାହିଁ ?"

Digitized by srujanika@gmail.com

ଛାତ୍ର—"ଆପଣ ଯେ ଚିନି ଲୁଣ ନ ମିଶାଇ ଆଣିବାକୁ କହିଲେ ମୋର ମନେ ରହିଲା ନାହିଁ, ଏ ଦୁଇ ପଇସାରୁ କେଉଁଟା ଲୁଣ ପାଇଁ, ଆଉ କେଉଁଟା ଚିନିପାଇଁ ଦେଇଥିଲେ ।"

❋ ଶସ୍ତା ❋

ମିଶ୍ରେ ପ୍ରଚୁର ମଦ ଖାଇ ନିଶାରେ ସଡ଼କରେ ପଡ଼ିଗଲେ । ତାହା ଦେଖି ପୋଲିସବାଲା ତାଙ୍କୁ ହାତଅଧରେ ଉଠାଇ ଖଟିଆରେ ବୋହାଇ ଥାନାକୁ ଆଣିଲେ । ଆରଦିନ ମକଦ୍ଦମା ବିଚାର ହେବାରୁ ହାକିମ ତାଙ୍କୁ ଟଙ୍କାଏ ଜରିମାନା କଲେ । ମିଶ୍ରଙ୍କର ଜଣେ ବନ୍ଧୁ ସେ ଖବର ପାଇ ମିଶ୍ରଙ୍କୁ ଆସି କହିଲେ, "ଏକଥାଟା କଣ ଭଲ ହେଲା ? ଟଙ୍କାଏ ଜରିମାନା ଦେବାକୁ ପଡ଼ିଲା, ଛି ।"

ମିଶ୍ରେ—"ମନ୍ଦ କଣ ହେଲା ? କନେଷ୍ଟେବଲ କଣର ମୋତେ ଉଠାଇ ଗାଡ଼ିରେ ଘରକୁ ଆଣିଥିଲେ, ଭଡ଼ା କଣ ତିନି ଟଙ୍କାରୁ ପାହିଲାଏ କମ ନିଅନ୍ତେ ସେ ପାଜି ଗାଡ଼ିବାଲାମାନେ । ଏ ତ ଟଙ୍କାକେ ହେଇଗଲା; ବାକି ଦୁଇଟଙ୍କା ଲାଭ, ମନ୍ଦ କଣ ହେଲା ?"

❋ ପରିଚୟ ❋

ପୁରୀ ରେଲ ଷ୍ଟେସନରେ ଜଣେ ଯାତ୍ରୀ ଗାଡ଼ିରୁ ଓହ୍ଲାଇବାର ଦେଖି ଜଣେ ପଣ୍ଡା ଯାଇ ପଚାରିଲା, "ବାବୁ ଆପଣଙ୍କର ପଣ୍ଡା କିଏ ?"

ଯାତ୍ରୀ କୌଣସି ଉତ୍ତର ନ ଦେବାରୁ ପଣ୍ଡା ବାରମ୍ବାର ପଚାରିଲା, "କିଏ ଆପଣଙ୍କର ପଣ୍ଡା ?"

ଯାତ୍ରୀ ଶେଷରେ ରାଗି କହିଲେ, "ଯାଅ, ମୁଁ ମୋର ପଣ୍ଡା ।

"କହିବେ କି ଆପଣ ତେବେ କେଉଁ ପଣ୍ଡାର ପୁଅ ?"

Digitized by srujanika@gmail.com

❋ ଚଢେଇଙ୍କ ସ୍ୱଭାବ ❋

ଶିକ୍ଷକ ଛାତ୍ରମାନଙ୍କୁ ଫେଡାଣର ନିୟମ ବୁଝାଇସାରି, ପଚାରିଲେ, "ଗୋଟାଏ ସ୍ଥାନରେ କୋଡ଼ିଏଟା ଚଢେଇ ବସିଛନ୍ତି । ମୁଁ ଗୋଟାଏ ଗୁଳି ମାରିଲି ଯେ ସେଥିରେ ତିନିଟା ମରିଗଲେ । ବାକି ସେଠାରେ କେତେ ଚଢେଇ ରହିଲେ ?"

"କିଛି ନାହିଁ ।"

"ତୁମେମାନେ ଫେଡ଼ାଣ ବିଷୟରେ କିଛି ଜାଣନାହିଁ ।"

"ଆପଣ ଫେଡାଣ ଜାଣି ପାରନ୍ତି; କିନ୍ତୁ ଚଢ଼େଇଙ୍କର ସ୍ୱଭାବ ଜାଣନ୍ତି ନାହିଁ ।"

❋ ଭବିଷ୍ୟତ୍ ଚିନ୍ତା ❋

ମା—"ତୁ ବଡ ଦୁଷ୍ଟାମି କରୁଛୁ ଆଜି । ତୋତେ ଆଜି ଖାଇବାକୁ ଦେବି ନାହିଁ । ଯା, ଶୋଇପଡ଼ ଯା ।"

ପୁଅ—"ଆଚ୍ଛା ମା, ଭାତ ଖାଇଲା ପରେ ଯେ ଔଷଧ ଖାଏ ସେ ଔଷଧ କଣ ହେବ ?"

❋ ଜଣକୁ ଦୁଇଜଣ ❋

ମୁନିବ—"ଦେଖ, ଆଜି ଭିତରେ ଏ କାମ ନ ସରିଲେ, ମୁଁ ବାଧ୍ୟ ହୋଇ ଆଉ ଜଣେ ଚାକର ରଖିବି ।"

ଚାକର—"ମୁଁ ତ ତାହା ହିଁ ଚାହେଁ । ଆପଣଙ୍କର ଯେତେ କାମ ଅଛି, ତା ପାଇଁ ଦୁଇଜଣ ଚାକର ଦରକାର ।"

❋ ଅର୍ଦ୍ଧାଙ୍ଗିନୀ ❋

ଭାର୍ଯ୍ୟା—"ମୁଁ ଯେ ତମର ଧର୍ମପତ୍ନୀ, ଅର୍ଦ୍ଧାଙ୍ଗିନୀ । ମୁଁ ଥାଉ ଥାଉ ତମେ ଆଉ ପତ୍ନୀ ଖୋଜୁଛ କାହିଁକି ?"

Digitized by srujanika@gmail.com

ସ୍ୱାମୀ—"ଆଉଜଣେ ଅର୍ଦ୍ଧାଙ୍ଗିନୀ ଆସିଲେ, ତୁମେ ଦୁହେଁ ମିଶି ଜଣେ ପୂର୍ଣ୍ଣାଙ୍ଗିନୀ ହେବ । ମୁଁ ଗୋଟାଏ ଦରଖଣ୍ଡିଆ ଜିନଷ ରଖି କଣ କରିବ ?"

❋ ବଡ଼ସାନ ❋

ଭୀମ ଓ ଗୋପାଳ ଦୁହେଁ ଏକା ଥାଳରୁ ପିଠା ଖାଇ ବସିଥିଲେ । ଭୀମ ପ୍ରଥମେ ବଡ଼ ପିଠାଟି ଧରିବାରୁ ଗୋପାଳ କହିଲା, "ଭୀମ, ତୁ କେତେ ସ୍ୱାର୍ଥପର ଓ ଅଭଦ୍ର । ମୁଁ ପ୍ରଥମେ ଖାଇବା ଆରମ୍ଭ କରିଥିଲେ ସାନ ପିଠାଟି ଧରିଥାନ୍ତି ।"

"ତୁ ପଛରେ ଖାଇବା ଆରମ୍ଭ କରି ମଧ୍ୟ ତ ତୋର ମନ ଅନୁସାରେ ସାନ ପିଠାଟି ପାଇଲୁ । ତୋର ଆଉ ଆପତ୍ତି କଣ ?"

❋ ବିଶ୍ୱାସ କଥା ❋

ଯଦୁ—"ଆଚ୍ଛା ମଧୁ, ମୁଁ ତୋତେ ବିଶ୍ୱାସ କଥା କହିପାରେ ? ତୁ କାହାକୁ କହିବୁ ନାହିଁ ତ ?"

ମଧୁ—"ନିଶ୍ଚୟ ନୁହେଁ, ମୁଁ ତୁଣ୍ଡ ସିଇଁ ଦେବି, ଏ କାନ କଥା ସେ କାନ ଜାଣିବ ନାହିଁ ।"

ଯଦୁ—"ମୋର ଶହେଟା ଟଙ୍କା ବଡ଼ ଜରୁରୀ ଦରକାର ।"

ମଧୁ—"କେହି ଜାଣିବେ ନାହିଁ ଏକଥା ତୁ ନିଶ୍ଚିନ୍ତ ରହ, ଧରିନେ ଯେ ଏକଥା ମୁଁ ଶୁଣିନାହିଁ ଏକାବେଳକେ !"

❋ ଡ଼ାକରା ❋

ଚାକର—"ସାଆନ୍ତାଣୀ ମୋତେ ଡ଼ାକୁଛନ୍ତି ପରା; କି ଗାଳି ଦେଉଛନ୍ତି କେଜାଣି ।"

ମୁନିବ—"କଣ କହିଲେ କି ସେ ?"

Digitized by srujanika@gmail.com

ଶ୍ରୀକର—"କହୁଛନ୍ତି, ଅଲପେଇଷ କାହିଁ ?"
ମୁନବ—"ତୋତେ ଡ଼ାକୁ ନାହାନ୍ତି, ତୁ ଯା । ସେ ମୋତେ
ଖୋଜୁଛନ୍ତି ।"

❋ ଜ୍ଞାନୋଦୟ ❋

କବ—"ଏ ପିଲାକୁ ଆଉ ପ୍ରାଣରେ ରଖିଅଛୁ ? ମୋ ପୁଅ ବୋଲି
ତଳେ ମାୟା ମମତା ହେଉନାହିଁ । ମୋର କବତାର
ପାଣ୍ଡୁଲିପିଟି ସେ ନିଆଁରେ ପକାଇ ଜାଳି ଦେଲା, ଏଇ
ଗ୍ରହୁଁ ଗ୍ରହୁଁ !"
ଭାର୍ଯ୍ୟା—"ଦୋଷ ତା ଉପରେ ଡାଳ ନା । ତାର କଣ ଗୀତ
ବୁଝିବା ଶକ୍ତି ହେଲାଣି ଯେ ସେ ଏ କାର୍ଯ୍ୟ କରିଛି ?"

❋ ଚିତ୍ରକର ପୁତ୍ର ❋

ପିତା ଜଣେ ବନ୍ଧୁଙ୍କ ଆଗରେ ନିଜ ପୁତ୍ରର ଚିତ୍ରବିଦ୍ୟାରେ ପାରଦର୍ଶିତା ବିଷୟରେ ଅନେକ ପ୍ରଶଂସା କରିସାରି, ପୁତ୍ରଠାରୁ ତାହାର ଅଙ୍କିତ ଚୋଟିଏ ଚିତ୍ର ଆଣି ବନ୍ଧୁଙ୍କୁ ଦେଖାଇ, କହିଲେ "ଦେଖ, ଏ ଚିତ୍ରଟି ଅବିକଳ ମାଙ୍କଡ଼ ମୂର୍ତ୍ତି ହୋଇଛି କି ନା ।"
ପୁତ୍ର—"ନା ବାପା, ଏଇଟା ତୁମର ମୂର୍ତ୍ତି । ତୁମେ ଯେ କାଲି ବିଚାର
କରିଥିଲ, ସେ ଅନୁସାରେ ଆଙ୍କିଛି ।"

❋ ବୟସ ତୁଳନାରେ ବେଶି ବୁଦ୍ଧି ❋

ମା—"ତୋତେ ଆଉ ଖଣ୍ଡିଏ ହେଲେ ପିଠା ଦେବିନାହିଁ । ଦେଖ,
କାନ୍ଦ ନା, କାନ୍ଦିଲେ କଣ ହେବ ଜାଣୁଛୁଟିକି ?"
ପିଲା—"ହଁ ।"
ମା—"କହିଲୁ, କଣ ।"

Digitized by srujanika@gmail.com

ପିଲା—"ତୁ ମୋତେ ଆଉ ପିଠା ଦେବୁ ।"

ମା—"ଆଉ ଖଣ୍ଡିଏ ପିଠା ଦେବାରୁ ପିଲା ତୁନି ହେଲା ।

❋ କେଉଁଠାରେ ଲାଞ୍ଜର ଅନ୍ତ ❋

"ତୁମ ବିରାଡ଼ି ଆସି ଆମ ଘରୁ ଦୁଧ ଦହି ସବୁ ଖାଇଯାଉଛି ।"

"ମୁଁ କଣ କରିବି ? ତାକୁ ଆମେ ଘରେ ବାନ୍ଧି ରଖିପାରୁ ନାହୁଁ ।"

"ତାହାହେଲେ ତାର ପ୍ରତିକାର ମୋତେ କରିବାକୁ ହେବ ଦେଖୁଛି ।"

କେତେ ସମୟ ପରେ ଦୁଇ ପଡ଼ୋଶୀଙ୍କର ପୁନରାୟ ଦେଖା ହେଲା ।

ତୁମ ବିରାଡ଼ି ଆମ ଦୁଧ ଦହି ଖାଇ ପାରିବ ନାହିଁ ।"

"କାହିଁକି, ତୁମେ କଣ କରିଛ କି ?"

"ମୁଁ ତାକୁ ଧରି ତାର ଲାଞ୍ଜଟା କାଟି ପକାଇଛି ।"

"ହା, ହା ! ସେଥିରେ କଣ ହେବ ? ସେ କେତେଦିନ ଘରେ ଅବଶ୍ୟ ଶୋଇ ରହିବ । ମାତ୍ର ଘା ଶୁଖିଗଲେ, ପୁଣି ବୁଲି ସବୁ ଜୁର କରିବ ।"

"ନା, ଆଉ ସେ ସମ୍ଭବନା ନାହିଁ । ମୁଁ ବେକଠାରୁ ପୋଛି ଲାଞ୍ଜଟା କାଟି ଦେଇଛି ।"

❋ମୋଟ ଦର ❋

"କଦଳୀର ଦାମ୍ କଣ ?"

"ପଇସାକୁ ଗୋଟାଏ; ଅଣାକୁ ପାଞ୍ଚଟା ମୋଟ ଦର ।

"ଆଚ୍ଛା ମୋଟ ଦରରୁ ତୁ ପଇସାକୁ ଗୋଟାଏ ଗୋଟାଏ କାଟି ପଞ୍ଚମଟା ଦେଇଦେ ।"

Digitized by srujanika@gmail.com

❋ ଭୁଲ ଉପାୟ ❋

ମଫସଲର ଜଣେ ଲୋକ ପ୍ରଥମେ ସହରକୁ ଆସି ଗୋଟାଏ ଗଳିରେ ଡାକବୁ ହୋଇ ଠିଆହୋଇ ରହିଲା । ତାହା ଦେଖି ଜଣେ ପଚାରିଲା, "ତୁମେ ଏପରି ଆଚମ୍ଭିତ ହେଲା ପରି ଠିଆହେଲ ଯେ, କାରଣ କଣ ?"

"ଦେଖ, ଏ ସହର ଲୋକେ କି ମୂର୍ଖ, ସବୁ ପାଣି ତ ଗଳି-ଯାଉଛି । ସେ ଗାଡ଼ି ନେଇ ଘରେ ପହଞ୍ଚିଲାବେଳକୁ ଆଉ ଥିବ କଣ ? ପାଣି କଣ ଏମିତି ନିଅନ୍ତି ?"

(ସହରର ରାସ୍ତା ସବୁ ପାଣି ସିଞ୍ଚି ଓଦା କରିବା ନିମନ୍ତେ ଗାଡ଼ିରେ ପାଣି ଭର୍ତ୍ତି କରି ନିଆଯାଏ । ପାଣି ପାତ୍ରରେ ଅନେକ ଛୋଟ ଛୋଟ କଣା ଥିବାରୁ ପାଣି ଅଳ୍ପ ଅଳ୍ପ ପଡ଼ି ରାସ୍ତା ଅଳ୍ପ ଓଦା ହୁଏ; ଧୂଳି ଉଡ଼େ ନାହିଁ ।)

❋ ପ୍ରତ୍ନତତ୍ତ୍ୱ ❋

'ଆମ ଦେଶରେ ପୂର୍ବେ ନ ଥିଲା କଣ ? ଏବେ ଯିନା ପାଶ୍ଚାତ୍ୟ ଲୋକେ ବ୍ୟୋମଯାନ ବାହାର କଲେ । ପାଞ୍ଚହଜାର ବର୍ଷ ପୂର୍ବେ ଆମର ପୁଷ୍ପକ ରଥ ଥିଲା । ଏବେ ଟେଲିଗ୍ରାଫ୍ ବାହାରିଛି । ମୁଁ କାଲି ଗୋଟିଏ ଜାଗା ଖୋଳୁଥିଲି । ଖୁବ୍ ଗଭୀରରେ ମାଟି ତଳେ ଅନେକଗୁଡ଼ାଏ ପୁରୁଣା ତାର ବାହାରିଲା । ସେଥିରୁ କଣ ପ୍ରମାଣ ମିଳୁ ନାହିଁ ଯେ ଆମ ଦେଶରେ ପୂର୍ବେ ତାରଦ୍ୱାରା ଟେଲିଗ୍ରାଫ୍ ହେଉଥିଲା ?"

ମୁଁ ତ ଆଜି ଗୋଟାଏ ଜାଗା ଖୋଳିଲି । ଅନେକ ଗଭୀର ପର୍ଯ୍ୟନ୍ତ ଖୋଳିଲି ମଧ୍ୟ, ତଥାପି ତାର ଫାର କିଛି ପାଇଲି ନାହିଁ । ଏଥିରୁ କଣ ପ୍ରମାଣ ମିଳୁ ନାହିଁ ଯେ ଆମ ଦେଶରେ ପୂର୍ବେ ବିନା ତାରରେ (ଓ୍ୱାୟାରଲେସ୍) ଟେଲିଗ୍ରାଫ୍ ହେଉଥିଲା ।"

Digitized by srujanika@gmail.com

❋ ବହୁମୂଲ୍ୟ ❋

ଜଣେ ସାମାନ୍ୟ ଧନୀ ବ୍ୟକ୍ତି ସହରରେ ଗୋଟାଏ ଅତ୍ୟନ୍ତ ବଡ଼ ଦୋକାନକୁ ଯାଇ କିଛି ଗୋଟାଏ କିଣିବାକୁ ଭାବିଲେ । ବୁଲି ଦେଖୁ ଦେଖୁ ଗୋଟିଏ ପଥରର ମୂର୍ତ୍ତି ଦେଖି, ତାହାକୁ କିଣିବାକୁ ଇଚ୍ଛାକରି ପଚାରିଲେ, "ଏ ମନୁଷ୍ୟଟାର ମୂଲ୍ୟ କେତେ ?"

ପ୍ରାୟ ଦଶ ଲକ୍ଷ ଟଙ୍କା; ସେ ଏ ଦୋକାନ ମାଲିକ ।"

❋ ଶିଷ୍ୟାଦିଚ୍ଛେତ୍ ପରାଜୟଂ ❋

ଶିକ୍ଷକ ମାନସାଙ୍କ ଶିଖାଇବାକୁ ଯାଇଁ ଟଙ୍କା, ଅଧୁଲି, ସୁକି ଆଦିର ଅପେକ୍ଷିକ ମୂଲ୍ୟ ଛାତ୍ରମାନଙ୍କୁ ବୁଝାଇ ସାରି, ଛାତ୍ରମାନେ ତାହା ଠିକ୍ ଧରିପାରିଛନ୍ତି କି ନା ପରୀକ୍ଷା କରିବାକୁ ପଚାରିଲେ, "ମୁଁ ଯଦି ତୁମ୍ଭଙ୍କୁ ଗୋଟାଏ ଟଙ୍କା ବା ଦୁଇଟା ଅଧୁଲି ଯାଚେ, ତୁମେ କଣ ନେବାକୁ ଚାହିଁବ ?"

"ଦୁଇଟା ଅଧୁଲି ।"

"ମୁଁ ପରା ଏତେବେଳ ଲାଗି ବୁଝାଇ ଗଲି ଯେ ଟଙ୍କାଟା ଯେତେ, ଦୁଇଟା ଅଧୁଲି ମଧ୍ୟ ଠିକ୍ ସେତିକି । କଣ ବୁଝିଲୁ ଆଉ ଛେନା ।"

"ସେ କଥା ଠିକ୍ । କିନ୍ତୁ ମୁଁ ଯଦି ଟଙ୍କାଟିଏ ନିଏ ଏବଂ ତାହା ହଜିଯାଏ, ମୋର ତ ସବୁ ଗଲା । ମାତ୍ର ମୁଁ ଦୁଇଟି ଅଧୁଲି ନେଇଥିଲେ ସେଥିରୁ ଗୋଟିଏ ହଜିଲେ ମଧ୍ୟ ଆଉଟି ତ ରହିବ ।"

❋ ଗୋଟାଏ ମନ୍ଦ ❋

ମଫସଲର ଜଣେ ଲୋକ ଏକ ବଡ଼ ସହରକୁ ଯାଇଁ ଧର୍ମଶାଳାରେ ରହିଥିଲା । ସେ ସେଠାରୁ ଫେରି, ଧର୍ମଶାଳା ବିଷୟ ବର୍ଣ୍ଣନା କରି କହିଲା, "ସବୁ ଭଲ, କେବଳ ଗୋଟାଏ ବଡ ମନ୍ଦ । ରାତ ତମାମ୍ ଆଲୁଅ ଜାଳି ରଖନ୍ତି । ଅଭ୍ୟାସ ନ ଥିବାରୁ ମୋତେ ଆଲୁଅରେ ନିଦ ହେଲାନାହିଁ !"

Digitized by srujanika@gmail.com

"ତୁ କାହିଁକି ନିଭାଇ ନ ଦେଲୁ ?"

"ପାଜିଏ ତାଙ୍କୁ ଗୋଟିଏ ବୋତଲରେ ପୂରାଇ ଉପରୁ ଦଉଡ଼ରେ ଓହଳାଇ ଥାନ୍ତି । ଫୁର୍କି ଫୁର୍କି ମୋତେ ଶୋଷ କରି-ଗଲି ସିନା, ସେ ଲିଭିଲି ନାହିଁ ।"

❋ ଅଙ୍ଗଚ୍ଛେଦ ❋

ଭାର୍ଯ୍ୟା—"ତୁମେତ କହୁଥାଅ ଯେ ମୋ ପାଇଁ ଜୀବନ ଦେଇଦେବ । ଏବେ ମୁଁ ଏତେ କହୁଛି, ପୋଇଲୀଟାକୁ କାଢ଼ି ଦେବାକୁ ନାରାଜ ହେଉଛ ।"

ବର—"ମୋର ମୃତ୍ୟୁକୁ ଭୟ ନାହିଁ, ଭୟ ଅଙ୍ଗ-ଛେଦକୁ ।"

❋ ଡାକ୍ତରଠାରୁ ତୁ ବେଶ ଜାଣୁ ? ❋

ଯୁଦ୍ଧରେ ଯେଉଁମାନେ ଆହତ ହୋଇ ତଳେ ପଡ଼ଯାନ୍ତି, ସେମାନେ ଜୀବିତ ମୃତ ତାହା ଦେଖିବାକୁ ଡ଼ାକ୍ତର ପ୍ରତ୍ୟେକକୁ ପରୀକ୍ଷା କରନ୍ତି । ମୃତ ଲୋକଙ୍କ ଦେହରେ "ମୃତ" ବୋଲି ଲେଖି ଦେଇଯାନ୍ତି । ସେ ଲେଖା ଦେଖି ମେହେନ୍ତରମାନେ ମୃତ ଲୋକଙ୍କୁ ଶ୍ମଶାନକୁ ନିଅନ୍ତି । ଥରେ ଡାକ୍ତର ଜଣେ ଜୀବିତ ଅଥଚ ମୁମୂର୍ଷୁ ସୈନିକ ଦେହରେ ଭୁଲରେ "ମୃତ" ଲେଖି ଦେଇଗଲେ ତା' ପରେ ମେହନ୍ତରମାନେ ତାକୁ ଶ୍ମଶାନକୁ ନେବାକୁ ଧରିବାରୁ ସେ ଆପତ୍ତି କରି କହିଲା, "ମୁଁ ମରିନାହିଁ, ବଞ୍ଚିଛି !"

"ତୁ ଡ଼ାକ୍ତରଠାରୁ ବେଶି ଜାଣିଲାବାଲା !"

❋ ଶିକ୍ଷାର ଫଳ ❋

ଶିକ୍ଷକ—"ଦେଖ, ପିଲାମାନେ, ସମସ୍ତଙ୍କ ସହିତ ଭଦ୍ର ବ୍ୟବହାର କରିବ । କାହାକୁ ତୁ ତା କହିବ ନାହିଁ । 'ତୁ' ନ କହି 'ତୁମେ' କହିବା ଭଲ ।"

Digitized by srujanika@gmail.com

ଛାତ୍ର—"ତୁମେ ଯେ ଆମକୁ 'ତୁ' କହୁଛ ।"

❋ କେଉଁଠି ? ❋

ମା—"ତୋତେ ଏ ନୂଆ ଲୁଗାଟା ମୁଁ ପିନ୍ଧିବାକୁ ଦେଲାବେଳେ ଏ ଚିରାଟା ତ ସେଥିରେ ନଥିଲା ।"

ପୁଅ—"ତେବେ ଆଉ କେଉଁଠି ଥିଲା, ମା ?"

❋ ସ୍ୱଜାତ ସ୍ନେହ ❋

ପତ୍ନୀ—"ଆଚ୍ଛା, ପ୍ରିୟତମ, କହ ଦେଖି, ତୁମେ ମୋର ପ୍ରାଣେଶ୍ୱର ଥାଉ ଥାଉ, ତୁମକୁ ସ୍ନେହନ କରି ମୁଁ ଏ କୁକୁରଟାକୁ କାହିଁକି ଏତେ ସ୍ନେହ କରୁଛି ।"

ପତି—"ତୁମେ କଣ ଜାଣ ନାହିଁ ପ୍ରିୟେ, ଜଗତର ନୀତି ଯେ, ଯେ କେହି ଯେପରି ସେହିପରି ଜିନିଷ ପ୍ରତି ତାର ମମତା ସ୍ୱତଃ ହୁଏ ?"

❋ ଅଣ୍ଟା ବୁଝୁନ ❋

ଜଣେ ଲୋକର ପ୍ରବଳ ମୁଣ୍ଡବଥା ହେବାରୁ ସେ ନାନା ଔଷଧ ପ୍ରୟୋଗ କରି ଆରୋଗ୍ୟ ଲାଭ ନ କରନ୍ତେ, ଭଗବତୀ ଠାକୁରାଣୀଙ୍କି ଭୋଗ ଯାଚିଲା । ତା'ପରେ ତାର ମୁଣ୍ଡବଥା ଭଲ ହୋଇଗଲା । ତହୁଁ ସେ କହିଲା, "ମୁଣ୍ଡବଥା ତ ଭଲ ହୋଇଗଲାଣି, ବୃଥାରେ କାହିଁକି ଭଗବତୀଙ୍କୁ ଭୋଗ ଦେଇ ପଇସା ନଷ୍ଟ କରିବ ?"

କେତେକ ସମୟରେ ମୁଣ୍ଡ ପୁନର୍ବାର ବଥାଇବାକୁ ଲାଗିଲା । ତହୁଁ ସେ କହିଲା, "ମା ଭଗବତି, ତୋର ଟିକିଏ ହୋଇ ବୁଦ୍ଧି ନାହିଁ । ମୁଁ ଥଟ୍ଟାରେ କହିଲି ବୋଲି ତୁ ବିଶ୍ୱାସ କରିଗଲୁ ଯେ ମୁଁ ସତେ ତୋର ଭୋଗ ଦେବିନାହିଁ ।"

Digitized by srujanika@gmail.com

❋ କାହାର ବାଘ ? ❋

ଜଣେ ଗୃଷୀର ପଦରରେ ଟ୍ରେକ ଗୋରଫଣି ଖାଆନ୍ତି । ତାର ଯେଉଁ ପିଲ୍ମାନେ ଜଗିଥାନ୍ତି ସେ ଆସି ବାପ ନିକଟରେ ନିତ କହନ୍ତି ଆଜି ଗୋରୁ ଅମୁକ କିଆର ଖାଇଗଲା । ଗୃଷୀ ପଚୃରେ କାହାର ଗୋରୁ ? ତାର ଯାହା ସଙ୍ଗେ କଳ ତାହାର ଗୋରୁ ହେଲେ, ସେ ତାକୁ କାଞ୍ଜି ହାଉସକୁ ନେବାକୁ କହେ । ଦିନେ ପିଲ୍ମାନେ ଆସି ବାପାଙ୍କୁ କହିଲେ, ଆଜି ମା'କୁ "ବାଘ ଖାଇଗଲା ।" ଗୃଷୀ ଶୁଣି କହିଲା 'କାହାର ବାଘ ?"

❋ ମିଳିଲା ❋

"ରମମା, ତୁମ ମୁଦି ହଜିଥିଲା, ମିଳିଲା ?"

"ନାଇଁ, ଗୋ ଅପା"

"ସୁନା ମୁଦିଟିଏ, ନା ?"

"ହଁ ।"

"ପଥର ଠୁଲ ବସିଛି ?"

"ହଁ ଗୋ !"

"ନେଳ ପଥର ?"

"ହଁ ମ !"

"ପୋଖରୀ କୂଳରେ ହଜିଥିଲା, ନାହିଁ ?"

"ହଁ, ତୁମେ ତେବେ ପାଇଥିଲ ! କେଉଁଠି, ଘରେ ଅଛି !

"ମୁଁ ପାଇନାହିଁ ମ । ତୁମ ପୁଅ କଣ ଖବର କାଗଜରେ ଛପାଇଥିଲା ପରା । ତାକୁ ଦେଖି ଆମ ଗୋଡିଆ ବାପା ମୋତେ କହୁଥିଲେ ଯେ ମୁଁ ଶୁଣିଥିଲି । ଯାଉଛି ।"

Digitized by srujanika@gmail.com

❋ ରୋଜଗାରର ଭଲ ଉପାୟ ❋

ଡ଼ାକ୍ତରଙ୍କ୍ କୌଣସି ରୋଗୀଠାରୁ ଡାକରା ନ ଆସିବାରୁ ସେ ବଡ଼ ଅର୍ଥାଭାବରେ ପଡ଼ିଥିଲେ । କେଉଁ ଆଡ଼ୁ କିଛି ରୋଜଗାର ପନ୍ଥା ନ ଦେଖି, ଦୁଃଖରେ ନିଜ ରୋଗୀମାନଙ୍କ ତାଲିକା ଲେଉଟାଇ ବସିଲେ । ସେ ହଠାତ୍ କହି ଉଠିଲେ "ଏ ରାମବାବୁ ତାଙ୍କର ଅଜୀର୍ଣ୍ଣ ଚିକିତ୍ସା କରିବାକୁ କାହିଁ ଛ ମାସ ହେଲା ତ ଡାକି ନାହାନ୍ତି । ଆଚ୍ଛା !"

ତା'ପରେ ସେ ନିଜ ଭାର୍ଯ୍ୟାକୁ ଡ଼ାକି କହିଲେ, "ଆଜି ରାମ-ବାବୁଙ୍କୁ ଖାଇବାକୁ ନିମନ୍ତ୍ରଣ କର ।"

❋ ଉତ୍ସାହ ❋

କବି—"କବିତା ଲେଖିବାକୁ ଉତ୍ସାହ ମିଳିବା ଦରକାର । ଲୋକେ ତା କବିତା ପଢି ଖୁସି ହେଉଛନ୍ତି ବୋଲି ଜାଣିଲେ ସିନା, କବିର ଲେଖିବା ନିମନ୍ତେ ଆଗ୍ରହ ବଢିବ ।"

ବନ୍ଧୁ—"ହଁ, ତା ତ ନିଶ୍ଚୟ ।"

କବି—"ତୁମେ ତ ସବୁବେଳେ ମୋ ଲେଖାର ନିନ୍ଦା କରିବାରେ ଲାଗିଲ ।"

ବନ୍ଧୁ—"ଓଃ, ମୁଁ ଯାହା କହେ ତାହା ଆଦୌ ମୋର ନିଜ ମତ ନୁହେଁ । ଅନ୍ୟାନ୍ୟମାନଙ୍କଠାରୁ ମୁଁ ଯାହା ଶୁଣେ ସେହି କଥାର ଆବୃତ୍ତି କରିଥାଏ ମାତ୍ର ।"

❋ ପ୍ରଶଂସା ❋

ପ୍ରଥମ କବି—"କାଲି ସଭାରେ ତୁମେ ଉପସ୍ଥିତ ହେବା ଉଚିତ ଥିଲା । ତୁମର ଶେଷ କବିତାର ଭାରି ପ୍ରଶଂସା ସେଠାରେ ହେଲା ।"

Digitized by srujanika@gmail.com

ଦ୍ୱିତୀୟ କବି—"କିଏ ପ୍ରଶଂସା କରୁଥିଲା ?"
ପ୍ରଥମ କବି—"ଯେତେ ଉପସ୍ଥିତ ଥିଲେ, ଖୁବ୍ ପ୍ରଶଂସା କଲେ ।"
ଦ୍ୱିତୀୟ କବି—"କେତେ ଜଣ ଯାଇଥିଲେ ?"
ପ୍ରଥମ କବି—"ଦୁଇଜଣ ।"
ଦ୍ୱିତୀୟ କବି—"କିଏ କିଏ ?"
ପ୍ରଥମ କବି—"ଜଣେ ମଧୁବାବୁ, ଆଉ ଜଣେ ମୁଁ ।"
ଦ୍ୱିତୀୟ କବି—"ପ୍ରଶଂସା ତେବେ ମଧୁବାବୁ କରୁଥିଲେ । ତାଙ୍କର କବିତା ବୁଝିବାର ଶକ୍ତି ଖୁବ୍ ଅଛି । ସେ କଣ କହୁଥିଲେ ?"
ପ୍ରଥମ କବି—"ସେ ତ ତାକୁ ମୁଖସ୍ଥ କରିଛନ୍ତି, ମୋ ଆଗରେ ଗାଇଗଲେ; ବିଭୋଳ ହୋଇ ପଡ଼ିଲେ ।"
ଦ୍ୱିତୀୟ କବି—"ଆଉ କହୁଥିଲେ କଣ, ସେ କଥା କହନା ।"
ପ୍ରଥମ କବି—"କହୁଥିଲେ, ସେ କବିତାଟା ମୋର ବୋଲି ସେ ଜାଣନ୍ତି ।"

❋ ପ୍ରକାର ଭେଦ ❋

"ସ୍ୱାମୀ ମାଇଲେ, ମୁଁ ଏପରି କାନ୍ଦନ୍ତି ନାହିଁ ।"

"ତୋର ଯେପରି ଇଚ୍ଛା ତୁ ସେପରି କାନ୍ଦିପାରୁ । ମୋର କାନ୍ଦିବାର ପ୍ରକାର ଏହା ଛଡା ଅନ୍ୟ କିଛି ନାହିଁ ।"

❋ ଉପଯୁକ୍ତ ପ୍ରତ୍ୟୁତ୍ତର ❋

ରାଜା— 'ଯଦୁମଣି, ମୁଁ କାଲି ସ୍ୱପ୍ନ ଦେଖିଲି ଯେ ମୋ ଦେହରେ ଚନ୍ଦନ ବୋଳା ହୋଇଛି, ଆଉ ତୁମ ଦେହରେ ବିଷ୍ଠା ବୋଳା ହୋଇଛି ।"
ଯଦୁମଣି—"ମହାରାଜ, ଆପଣ ତାହାହେଲେ ସ୍ୱପ୍ନରୁ ଅଧେ ଦେଖିଛନ୍ତି ।"

Digitized by srujanika@gmail.com

ରାଜା—"ଆଉ ଅଧେ କଣ ?"

ଯଦୁମଣି—"ଆମେ ଦୁହେଁ ଚଟାଚଟି ହେଉଛେ, ମୁଁ ଆପଣଙ୍କୁ ଚାଟି ପକାଉଛି, ଆପଣ ମୋତେ ଚାଟି ପକାଉଛନ୍ତି ।"

✺ ପ୍ରାକୃତିକ ଉପାୟ ✺

ଅକସ୍ମାତ୍ ଘରେ ନିଆଁ ଲାଗି ପୋଡ଼ିଗଲେ, ତାହାକୁ ଅଗ୍ନି ବୀମା କୋମ୍ପାନୀରେ ବୀମା କରାଇଥିଲେ, ଘରର ମୂଲ୍ୟ କୋମ୍ପାନୀ ଠାରୁ ମିଳେ । ଏ ପ୍ରଥା ସହର ଜାଗାମାନଙ୍କରେ ଚଳେ । କାରଣ ସେଠାରେ ନିଆଁ ଲିଭାଇବା ପାଇଁ ନାନା ଯନ୍ତ୍ର-କଳ ଅଛି ।

ଏ ପ୍ରଥା ବିଷୟ ଶୁଣି ମଫସଲର ଜଣେ ଧନୀଲୋକ ନିଜ ଘର ବୀମା କରାଇବାକୁ ସହରର ଏକ କୋମ୍ପାନୀକୁ ଗଲେ । କର୍ମଚାରୀ ପଚାରିଲେ, "ଆପଣଙ୍କ ଗ୍ରାମରେ ନିଆଁ ଲିଭାଇବାର କି ଉପାୟ ଅଛି ?"

"ଅଛି କେବଳ ମେଘ ବର୍ଷା ।"

✺ ରକ୍ଷା ହୋଇଛି ✺

ଜଣେ ପହିଲବାନ୍ ଅଧରାତି ପରେ ବାଟରେ ଗଲାବେଳେ ହଠାତ୍ ଗୋଟାଏ ଚୋରମୁହାଁ ଲୋକ ଆସି ପଚାରିଲା, "ଭାଇ କେତେଟା ବାଜିଛି ।"

ପହିଲବାନ୍ ତା ଗାଲରେ ଏକ ଚାପଡ଼ା ଦେଇ କହିଲା "ଗଣ, ଗୋଟାଏ ।"

ଚାପଡ଼ା ଖାଇ, ଲୋକଟା ତଳେ ପଡ଼ିଯାଇ; ଗାଲ ଆଉଁଷି ଆଉଁଷି କହିଲା, "ରକ୍ଷା ହୋଇଛି, ଘଣ୍ଟାକ ଆଗରୁ ମୁଁ ତାକୁ ସମୟ ପଚାରି ନାହିଁ ।"

Digitized by srujanika@gmail.com

❊ ରୋଗ ପରୀକ୍ଷା ❊

ଜଣେ ଡାକ୍ତର କେତେଦିନ ହେଲା ରାତିରେ ଶୋଇ ନ ଥିଲେ । ସେ ଜଣେ ରୋଗୀ ସ୍ତ୍ରୀ ବ୍ୟକ୍ତିକୁ ଚିକିତ୍ସା କରିବାକୁ ଯାଇ ସନ୍ଦେହ କଲେ ଯେ, ତାର ଫୁସ୍‌ଫୁସ୍‌ରେ କଣ ଦୋଷ ଘଟିଛି । ସେଥିପାଇଁ ତାହା ପରୀକ୍ଷା କରିବାକୁ ଗୋଟିଏ ଚଉକିରେ ବସି ରୋଗୀର ଛାତି ପାଖେ କାନ ଦେଇ ନଇଁ ବସିଲେ ଏବଂ ରୋଗୀକୁ ଏକ, ଦୁଇ ଇତ୍ୟାଦି ଗଣିବାକୁ କହିଲେ । ରୋଗୀ ଗଣିବାକୁ ଆରମ୍ଭ କଲାରୁ ଡାକ୍ତରଙ୍କୁ ନିଦ ଲାଗିଗଲା । ନିଦ ଭାଙ୍ଗିଲାବେଳକୁ ଡାକ୍ତର ଶୁଣିଲେ ରୋଗୀ କହୁଛି, 'ଅଠର ହଜାର ସାତଶ ଚଉବନ ।"

❊ ଠିକ୍ ସେହି ସ୍ଥାନ ❊

ଶିଶୁ ଗୋପାଳ ଖାଇବା ସ୍ଥାନରୁ ଉଠିଯାଇ ଦେଖିଲା ଯେ ମେହେନ୍ତର ନଳା ସଫା କରୁଛି । ତହୁଁ ସେ କହିଲା, "ସେଇଠେଇ ଭାଇ ମୋର ଟଙ୍କା ହଜାଇଥିଲେ ।"

ତାହା ଶୁଣି ମେହେନ୍ତର ମନଟା ଖୁସି ହୋଇଗଲା । ସେ ତାହା ଘୋଡ଼ାଇ ରଖି ଗୋପାଳକୁ କହିଲା, "ଦରଖିଆ ହୋଇ ଅଇଁଠା ପାଟିରେ କାହିଁକି ଠିଆ ହୋଇଛ, ବାବୁ ? ଯାଅ, ଭାତ ଶୁଖିଯିବ । ଯାଇ ଖାଇପକାଅ ।'

ଅଧଘଣ୍ଟାକ ପରେ ଗୋପାଳ ପୁଣି ଯାଇ ଦେଖିଲାବେଳକୁ ମେହେନ୍ତର ନଳା ଭିତରେ ଖୋଜି ଲାଗିଛି । "ଠିକ୍ ଏଇଠି ହଜିଥିଲା ଟଙ୍କା ?"

"ନିଶ୍ଚୟ, ଠିକ୍ ସେହିଠି । ବାପା ସେହିଠୁ ଆଜି ପାଇବାର ମୁଁ ଦେଖିଛି ।"

Digitized by srujanika@gmail.com

❋ ଆଗ ପଛ ❋

ମୁନିବ କୁଲିକୁ ବେତନ ଦେଲାବେଳେ ଖଣ୍ଡିଏ ନୋଟ ଦେଲେ । ସେଥିରେ ପୋକ ଧରି ଆସିଥିବାରୁ ସେ କହିଲେ, "ଦେଖ୍ ସାବଧାନ ହୋଇ ରଖିବୁ । ନୋହିଲେ ପୋକ ଖାଇ ଯିବେଟି ।"

"ପୋକ ଖାଇବା ଆଗରୁ ମୁଁ ଖାଇ ସାରିଥିବ । ସେ ଆଶଙ୍କା ଆମ କୁଲିଙ୍କ ପାଖରେ ନାହିଁ ।"

❋ ଭିତରେ ଅଛି ❋

ରାମ ପାଚିରି ପଞ୍ଜର ବାଟେ ମୁହଁ ଗଳାଇ ଶ୍ୟାମର ଅଗଣାକୁ ଚାହିଁ ପଚାରିଲା, "ସେ ଗାତରେ କଣ ପୋତୁଛୁ ତୁ ?"

"କେତେଗୁଡ଼ିଏ ମଞ୍ଜି ପୋତୁଛି, ଆଉ କିଛି ନୁହେଁ ।"

"ମଞ୍ଜି କାହିଁ ? ଏ ତ ମୋର ହଂସରୁ ଗୋଟାଏ ପରି ଦିଶୁଛି ।"

"ଠିକ୍ କଥା, ମଞ୍ଜି ତା ଭିତରେ ଅଛି ।"

❋ ଶ୍ରଦ୍ଧା ପରିଚୟ ❋

ଏକ ସ୍ତ୍ରୀ ବ୍ୟକ୍ତିର ଲୁଗାରେ ଗୋଟିଏ ବିଛା ଚାଲୁଥିବା ଦେଖି ଜଣେ ଯୁବକ ପାଖକୁ ଧାଇଁ ଆସି କହିଲା, "ମାଉସୀ"—

"ମାଉସୀ ! ଶ୍ରଦ୍ଧା ନାହିଁ ପରିଚୟ ନାହିଁ, ସଇତାନ କେଉଁଠୁ କଅଁଳ ଷଣ୍ଢ ପରି ଆସିଲା; କହିଲା କଣ ନା, "ମାଉସୀ ! ମୁଁ ଯୁଆ ମାରି ଭଉଣୀ ।"

ଏ କଥା ସରିଲାବେଳକୁ ବିଛା ତାର ମୁହଁରେ ଯାଇ ଚଢ଼ିଲା । ତହୁଁ ସେ ବିକଳ ହୋଇ କହିଲା, 'ପୁଅ, ମଲି, ମଲି, ଏ ବିଛାଟାକୁ ଟିକିଏ ହାତରେ ଧରି କାଢିଦେ ।

Digitized by srujanika@gmail.com

ଯୁବକ ହସି ହସି କହିଲା, "ବିଛା ସଙ୍ଗରେ ମୋର ଚିହ୍ନା ନା ପରିଚୟ କିଣ ଅଛି ଯେ ମୁଁ ତା ପାଖକୁ ଯିବ !"

❋ ଈଶ୍ୱର ରକ୍ଷା କରନ୍ତୁ ❋

ଜଣେ ଚିକିତ୍ସକ ବିଦ୍ୟାଳୟରେ ଛାତ୍ରମାନଙ୍କୁ ଚିକିତ୍ସା ଶିକ୍ଷା ଦେଉଥିଲେ; ମାତ୍ର ଛାତ୍ରମାନଙ୍କ ନିକଟରେ ସେ ନିତାନ୍ତ ଅପ୍ରିୟ ହୋଇ ପଡ଼ିଥିଲେ । ଛାତ୍ରମାନଙ୍କୁ ନିଜର ଗୁରୁତ୍ୱ ଦେଖାଇ ସେମାନଙ୍କର ଶ୍ରଦ୍ଧାଭାଜନ ହେବା ଇଚ୍ଛାରେ ପଢ଼ା ଶେଷରେ ସେ ଦିନେ କାନ୍ଥରେ ଲେଖି ଦେଇ ଗଲେ ।

"ଅଧ୍ୟାପକ ପୁରନ୍ଦର ଛାତ୍ରମାନଙ୍କୁ ଜଣାଉଛନ୍ତି ଯେ, ସେ ଆଜି ମହାରାଜାଙ୍କର ରାଜବୈଦ୍ୟ ପଦରେ ନିଯୁକ୍ତ ହୋଇଛନ୍ତି ।"

ଆରଦିନ ଶିକ୍ଷାଦେବାକୁ ଆସି ପୁରନ୍ଦର ଦେଖିଲେ ଯେ ତାଙ୍କର ପୂର୍ବ ଦିନର ଲେଖାତଳେ ଛାତ୍ରମାନଙ୍କ ମଧ୍ୟରୁ କେହି ଲେଖିଛି ।

"ଏଣିକି ସ୍ୱୟଂ ଭଗବାନ ରଖିଲେ, ମହାରାଜା ବଞ୍ଚି ରହିବେ ।"

❋ ବ୍ୟବସାୟୀ ବୁଦ୍ଧି ❋

ଗୋବିନ୍ଦ ଜୀବିକାନିର୍ବାହ କରିବା ଅଭିପ୍ରାୟରେ ଗୋଟିଏ ଲୁଗା ଦୋକାନ କରିବାକୁ ସ୍ଥିରକଲା, ମାତ୍ର ଦୁଇପାଖେ ଦୁଇଗୋଟି ବଡ଼ ଲୁଗା ଦୋକାନ ମଧ୍ୟରେ ଗୋଟିଏ ଛୋଟିଆ ଘରଛଡ଼ା ତାକୁ ସମୁଦାୟ ସହରରେ ଆଉ ଖାଲି ଘର ମିଳିଲାନାହିଁ ।

ସେ ଦୁଇଗୋଟି ବଡ଼ ଦୋକାନ ମଧ୍ୟରୁ ଗୋଟିକ ଆଗରେ ପଟାରେ ଲେଖା ହୋଇଛି, "ଶସ୍ତା, ସବୁଠାରୁ ଶସ୍ତା ।"

ଆର ଦୋକାନ ଆଗରେ ଲେଖାହୋଇଛି, "ଭଲ, ବେଶି-ଦିନ ଯିବ, ପିନ୍ଧି ମନକୁ ନ ପାଇଲେ ଦାମ ଉଆପସ ଦିଆଯିବ ।"

Digitized by srujanika@gmail.com

ଗୋବିନ୍ଦ ନିଜ ଦୋକାନ ଆଗରେ କଣ ଲେଖିଲେ ଲୋକେ ଆଉ ଦୁଇଟି ଦୋକାନ ଛାଡ଼ି ତା ଦୋକାନକୁ ଆସିବେ, ତାହା ଭାବି ସ୍ଥିର କରି ପାରିଲା ନାହିଁ । ଶେଷରେ ଦିନେ ଦେଖାଗଲା ତା ଦୋକାନ ଦୁଆରେ ଲେଖାଅଛି, "ଉଭୟର ସଦର ରାସ୍ତା ଏହି ।"

❋ ସାରାଂଶ ❋

ଖବର କାଗଜ ସମ୍ପାଦକ କାଗଜକୁ ଲେଖି ଲେଖି କ୍ଳାନ୍ତ ହୋଇଗଲାପରେ ମୁଣ୍ଡ ବାଳ ଛଣ୍ଟାଇବାକୁ ଭଣ୍ଡାରି ପାଖକୁ ଗଲେ । ଭଣ୍ଡାରି କଚୁରି କାଢ଼ି କହି ବସିଲା, "ଆଜି ଏଠି କ ଘଟଣା ଘଟିଛି ଆପଣ ତ ଜାଣିଥିବେ ।" ସେ ସେତିକି କହି, ସମ୍ପାଦକଙ୍କ ମୁଣ୍ଡରେ ହାତ ଦେଇ କଚୁରି ଖଞ୍ଜି ଖଞ୍ଜି କରି, ପଚାରିଲା, "କଣ, ଛୋଟ କରି ଦେବି ।"

"ହଁ, ଖୁବ୍ ଛୋଟ; କେବଳ ଗୋଟାଏ ସାରାଂଶ ହେଲେ-ଚଳିବ ।"

❋ ବାଘନାନ୍ଦ ❋

ଛାତ୍ର—"ବିରାଡ଼ି, ଆଖୁଭୁକ୍; ବିରାଡ଼ି,ଆଖୁଭୁକ୍, ଭକ୍, ଭକ୍‌ଭକ୍ ଆଖୁଭକ୍ ।"

ଶିକ୍ଷକ—"ଆଖୁଭକ ନୁହେଁ, ଆଖୁଭୁକ । ବିରାଡ଼ି ଶବ୍ଦର ଆଉ ଗୋଟିଏ ଅର୍ଥ ଆଖୁଭୁକ୍ ।"

ଛାତ୍ର ତାହା ନ ଶୁଣି—"ବିରାଡ଼ି, ଆଖୁଭକ୍; ଭକ୍, ଭକ୍, ଭକ୍ ।"

ଶିକ୍ଷକ ବିରକ୍ତ ହୋଇ—"ଆରେ, ଭୁକ୍; ଆଚ୍ଛା ପିଲା ।"

ଛାତ୍ର—"ଭୋ, ଭୋ, ଭୋ ।"

❋ ସୁଶିକ୍ଷା ❋

ଶିକ୍ଷକ—"ତୁମେମାନେ ଶିଖି ରଖ । କୌଣସି ଗୋଟାଏ ବଡ଼ କଥା କହିବା ପୂର୍ବରୁ ପଚାଶ ଗଣିବ, ତା ପରେ ସେ କଥା

Digitized by srujanika@gmail.com

କହିବ । କଥାଟା ଖୁବ୍ ବଡ଼ ବିଷୟର ହେଲେ, ଶହେ ଗଣିବ । ତାହାହେଲେ ଲୋକେ ତୁମ କଥା ବିଶ୍ୱାସ କରିବେ ।"

ତା'ପର ଦିନ ଶିକ୍ଷକ ଓ ଛାତ୍ରମାନେ ଚୁଲିମୁଣ୍ଡେ ବସି ନିଆଁ ପୋଉଁଥିଲେ । କେତେ ଜଣ ପିଲା ପାଟି ପାଟୁ ପାଟ କରିବାର ଶିକ୍ଷକ ଦେଖିଲେ; ମାତ୍ର କାରଣ ବୁଝି ପାରିଲେ ନାହିଁ । ହଠାତ୍ ସେ ପିଲାମାନେ କହି ଉଠିଲେ, "ଅନେକଶୋତ, ଶହେ, ଆପଣଙ୍କ ଲୁଗା କାନିରେ ନିଆଁ ଲାଗି ଅଧେ ପୋଡ଼ି ଗଲାଣି ।"

❋ ଚରିତ୍ର ଗଠନ ❋

ପିତା—"ଦେଖ, ମୁଁ ନ ଖାଇ ନ ପିଇ ତୋତେ ପଢ଼ିବାକୁ ଟଙ୍କା ଦେଇ ସହରକୁ ପଠାଇଛି । ତୁ ଏ ଛୁଟିରେ ଆସିବା ପୂର୍ବରୁ ଯେତେ କୀର୍ତ୍ତିକଳାପ କରିଥିଲୁ, ମୁ ସବୁ ଶୁଣିଛି । ଏଣିକି ସାବଧାନ ହୋଇ ଚଳ । ସେ ସବୁ କଥା ମୁଁ ଯେପରି ଆଉ ନ ଶୁଣେ ।"

ପୁତ୍ର—"ଆଉ ଯେପରି ଶୁଣିବେ ନାହିଁ, ମୁଁ ତା ଲାଗି ଯଥେଷ୍ଟ ସାବଧାନ ହେବି । ଏଥର କଣ ଆପଣ ନ ଶୁଣିବାକୁ ମୁଁ କମ୍ ଚେଷ୍ଟା କରିଛି । ଏସବୁ କଥା ଯେତେ ଘୋଡ଼ାଇଲେ ମଧ୍ୟ ବାହାରି ପଡ଼େ । ମୁଁ କରିବି କଣ ?"

❋ ଦକ୍ଷତାର ପରିଚୟ ❋

ନିଜ ଦକ୍ଷତାର ପରିଚୟ ଦେବାକୁ ଯାଇ ରାଜା ଦର୍ଶକଙ୍କୁ ତାଙ୍କ ରାଜ୍ୟର ଅନେକ ବିଷୟ ଦେଖାଇଲେ; ମାତ୍ର ସେ ସବୁରେ ରାଜାଙ୍କର ନିଜର କୃତିତ୍ୱ କିଛି ନାହିଁ ବୋଲି ଦର୍ଶକ ବୁଝିପାରି

Digitized by srujanika@gmail.com

ମନେ ମନେ ନିତାନ୍ତ ବିରକ୍ତ ହୋଇ ପଡ଼ିଲେ ।

ସେତେବେଳେ ରାଜା କହିଲେ, "ମୋର ପିଲାଦିନେ ମୁଁ ମନେ କରୁଥିଲି ଯେ ହୁଏ ତ ମୋତେ ଗୋଟାଏ ମୂର୍ଖ ହେବାକୁ ପଡ଼ିବ । ମାତ୍ର—"

ଦର୍ଶକ—"ବାସ୍ତବରେ ବାଲ୍ୟକାଳର ଚିନ୍ତା ଆପଣଙ୍କର କି ଭଳି ପୂର୍ଣ୍ଣମାତ୍ରାରେ ସଫଳ ହୋଇଅଛି । ଏପରି ଅତି ଅଳ୍ପ ଲୋକଙ୍କ ଭାଗ୍ୟରେ ଘଟେ ।"

❋ ଶସ୍ତା ମହର୍ଗ

ମଫସଲରୁ ଜଣେ ଲୋକ ସହରକୁ ମୂଲ ଲାଗିବାକୁ ଆସି, ତା ନିଜର ଗ୍ରାମର ପ୍ରଶଂସା କରି, କହିଲା, "ଆମ ଗ୍ରାମରେ ସବୁ ଖୁବ୍ ଶସ୍ତା । ଅଣାକୁ ଅଧସେରେ ଚାଉଳ, ପଇସାକୁ ପାଞ୍ଚଟା ବାଇଗଣ, ଅଧଲାକୁ ବିଡାଏ କାଠ । ଏଠି ତ ସବୁ ମହରଗ ।"

"ତୁ ତେବେ ତୋ ଗାଁ ଛାଡ଼ି ଏଠାକୁ ଆସିଲୁ କାହିଁକି ?"

"ସେଠି ମୋତେ ସେହି ଅଣାକ, ପଇସାକ, ଅଧଲାଟି ମିଳିଲେ ସିନା ମୁଁ ରହିବ ।"

❋ ଚାଲାକ ❋

କାହାକର ଗୋଟିଏ କୁଳପିଲା କିଛି ଅନ୍ୟାୟ କରିବାରୁ ଧର୍ମପରାୟଣ ଅଧକ୍ଷଙ୍କ ପାଖକୁ ତାକୁ ଦଣ୍ଡ ନିମନ୍ତେ ଅଣାଗଲା । ସେ ଭୟରେ କାନ୍ଦି କାନ୍ଦି ଆସିଲା । ଅଧକ୍ଷ ତା ଉପରେ ମାଡ଼ ହୁକୁମ କରିବାରୁ ସେ କହିଲା, "ମୁଁ ଈଶ୍ୱରଙ୍କ ପ୍ରାର୍ଥନା କରିସାରିବା ଯାଏ ଆପଣ ଟିକିଏ ଅପେକ୍ଷା କରିବେ ନାହିଁ ?"

"ଆଚ୍ଛା କରିବ ।"

Digitized by srujanika@gmail.com

ପିଲା ତାହା ଶୁଣି ହସି ହସି କହିଲା, "ଜାହାଜ କୂଳରେ ଲାଗିଲେ ମୁଁ ପ୍ରାର୍ଥନା କରିବ ।"

❋ ସାତଟା କାରଣ ❋

"ତୁ କାହିଁକି ଧମ ଘଣ୍ଟ କରି କାମ ଛାଡ଼ିଲୁ ?"

"ମୋର ସାତଟା କାରଣ ଅଛି ।"

"କ'ଣ କ'ଣ ?"

"ଏକ ସ୍ତ୍ରୀ ଆଉ ଛ ପିଲା । ମଜୁରି ତ ମୋତେ ନଅଣ୍ଟ ।"

❋ ନିମନ୍ତ୍ରଣ ❋

ଭୋଜି ଦିନ ଗ୍ରାମର ସମସ୍ତଙ୍କୁ ନିମନ୍ତ୍ରଣ କରିବାକୁ ବାପା ପୁଅକୁ ପଠାଇଲେ । ପୁଅର ମଧୁ ସଙ୍ଗେ ପଡ଼େନାହିଁ । ସେଥିପାଇଁ ସେ ତାକୁ ବାରମ୍ବାର କହିଲେ, "ତୁ ମଧୁକୁ ନିଶ୍ଚୟ ନିମନ୍ତ୍ରଣ କରିବୁ ।"

ଖାଇବାବେଳେ ସମସ୍ତେ ଆସିଲେ; ମାତ୍ର ମଧୁ ଆସିଲା ନାହିଁ ଦେଖି ବାପା ପୁଅକୁ ପଚାରିଲେ, "ତୁ କଣ ମଧୁକୁ ନିମନ୍ତ୍ରଣ କଲୁନାହିଁ ?"

"କଲି ।"

"ତେବେ ସେ ଆସିଲା ନାହିଁ କାହିଁକି ?"

"ମୁଁ ତାକୁ ମନା କରିଥିଲି ।"

"ମୁଁ କଣ ମନା କରିବାକୁ କହିଥିଲି ।"

"ତୁମେ ନିମନ୍ତ୍ରଣ କରିବାକୁ କହିଥିଲ, ମୁଁ ନିମନ୍ତ୍ରଣ କଲି; ମାତ୍ର ତୁମେ ତାକୁ ଆସିବାକୁ ମନା ନ କରିବାକୁ ତ ମୋତେ କହି ନ ଥିଲ ।"

Digitized by srujanika@gmail.com

❋ ଚାନ୍ଦା ଆଦାୟ ❋

ଏକ ବ୍ୟକ୍ତି ଦେଉଳ ତୋଳିବା ନିମନ୍ତେ ଚାନ୍ଦା ଆଦାୟ କରିବାକୁ ଯାଇ ଏକ ସହରରେ ଏକ ସଭା ଡ଼କାଇଲେ । ସେ ସେଠାରେ ନିଜର ଉଦ୍ଦେଶ୍ୟ ବୁଝାଇଲାପରେ ଦେଖିଲେ ଯେ ଲୋକେ ଚାନ୍ଦା ଦେବାକୁ ଖୁବ୍ ପ୍ରସ୍ତୁତ ଅଛନ୍ତି । ସେ ତାହା ଦେଖି ଆଶାନ୍ୱିତ ହେଲେ ।

ପ୍ରଥମେ ଜଣେ ଶହେ୍ଟଙ୍କା ଦେଲା । ସେ ଖୁସିହୋଇ ତାକୁ କହିଲେ, "ଏ ମାସରେ ତୁମର ବ୍ୟବସାୟ ଦୁଇଗୁଣ ବଢ଼ୁ ।"

ସଭାରେ ଉପସ୍ଥିତ ଲୋକେ ଦଳ ଦଳ ହୋଇ ପଳାଇଲେ । ସଭାଗୃହ ଶୂନ୍ୟ ଦେଖି ସେ ବ୍ୟକ୍ତି ସଭାପତିଙ୍କୁ ପଚାରିଲେ, "ଏ କଣ ।"

"ପ୍ରଥମ ଚାନ୍ଦାଦାତା ଜଣେ ମୁର୍ଦ୍ଦାର ବୋହିବା ମେହେନ୍ତର ।"

❋ ଯିବାର କାରଣ ❋

ନାତୁଣୀ—"ତୁମେ ମୋତେ ଡାକୁଛ ଯେ, ପ୍ରକୃତରେ କଣ ତୁମ ଘରଟି ଖୁବ୍ ଭଲ ?"

ଅଜା—"କାହିଁକି ଏ କଥା ପଚାରୁଛୁ ?"

ନାତୁଣୀ—"ବାପା କହୁଥିଲେ ଅଜାଙ୍କ ସଙ୍ଗ ଅପେକ୍ଷା ତାଙ୍କ ଘର ଭଲ ।"

❋ ଘରେ ନାହାନ୍ତି ❋

"ଦେଖ ମୋ ଦେହ ବଡ଼ ଖରାପ ଲାଗୁଛି; ମୁଁ ସେଥିପାଇଁ ଡାକ୍ତରକୁ ଡକାଇଛି । କେହି ଆସି ମୋତେ ଖୋଜିଲେ କହିବୁ ବାବୁ ଘରେ ନାହାନ୍ତି ।" ଲୋକଙ୍କ ସଙ୍ଗେ ଗଳ୍ପ କରିବାକୁ ଆଦୌ ଇଚ୍ଛା ନାହିଁ ।"

Digitized by srujanika@gmail.com

କେତେକ ସମୟ ପରେ ବାବୁ ଶୁଣିଲେ ଯେ ଚାକର ପିଲା କାହାକୁ କହିଲା, "ବାବୁ ଘରେ ନାହାନ୍ତି ।" ସେ ତହୁଁ ତାକୁ ଡାକି ପଚାରିଲେ, "କିଏ ଆସିଥିଲା କି ?"

"ଡାକ୍ତର ।"

❋ ପୁରସ୍କାର ❋

ଜଣେ ଶିକ୍ଷକ ଛାତ୍ରମାନଙ୍କ ନିକଟରେ ବଡ଼ ଅପ୍ରିୟ ଥିଲେ । ଦିନେ ସେ ନଦୀକୁ ଗାଧୋଇ ଯାଇଥିଲେ । ଗୋଡ଼ ଖସି ସେ ବେଶି ପାଣିକୁ ଚାଲିଗଲେ । ସେ ବୁଡ଼ିଯିବାବେଳେ କହିଲେ, "ରଖ, ରଖ ।"

ଜଣେ ଛାତ୍ର ସେ ସମୟରେ ହଠାତ୍ ଆସି ଶିକ୍ଷକଙ୍କ ଡାକ ଶୁଣି ତାଙ୍କୁ ଉଦ୍ଧାର କଲେ । ଶିକ୍ଷକ କୃତଜ୍ଞତା ଦେଖାଇ ପଚାରିଲେ, "ମୁଁ ତୋ ପାଇଁ କଣ କରିପାରେ ? କି ପୁରସ୍କାର ଦେଇପାରେ ?"

"ଆପଣଙ୍କୁ ରକ୍ଷା କରିଥିବା ବିଷୟ ପ୍ରକାଶ ନ କଲେ, ମୁଁ ମୋ ଯଥେଷ୍ଟ ପୁରସ୍କାର ପାଇ ପାରିବି ।"

"କିପରି ?"

"କାରଣ ଆପଣ ପ୍ରକାଶ କଲେ, ସହପାଠୀମାନେ ମୋତେ ପାଣିରେ ବୁଡାଇ ମାରିବେ ।"

❋ ଗଣିତ ଜ୍ଞାନ ❋

ଶିକ୍ଷକ ଛାତ୍ରମାନଙ୍କୁ ଦଶଦ୍ୱାରା ଗୁଣନ ଓ ହରଣର ନୀତି ବୁଝାଇ ସାରି, ୫୬୦କୁ ୧୦ରେ ହରି, ୫୬୦ରୁ କେବଳ ଶୂନଟା ନିଜ ଆଙ୍ଗୁଠିରେ ଲିଭାଇ ଦେଇ ପଚାରିଲେ, "କହ, ଦେଖି, ଶୂନ କେଉଁଆଡେ ଗଲା ?"

Digitized by srujanika@gmail.com

"ଆପଣଙ୍କ ଆଙ୍ଗୁଠିରେ ଯାଇ ରହିଲା । ସେଥିପାଇଁ ଆପଣଙ୍କର ଦୁଇହାତ ମିଶି ଦଶ ଆଙ୍ଗୁଠି ।"

❋ ଲୋଷ୍ଟ୍ରବତ୍ ❋

ଥରେ ସଂସ୍କୃତ ବିଦ୍ୟାଳୟକୁ ଜଣେ ବେପାରୀ ଆମ୍ବ ବିକି ଆସିଥିଲା । ଜଣେ ଛାତ୍ରଙ୍କର ଘର ବିଦ୍ୟାଳୟକୁ ଲାଗିଥିଲା । ବେପାରୀ ପ୍ରସା କରି ଯାଇଥିବାବେଳେ ସେ ଛାତ୍ର ତା ଟୋକାଇରୁ ଆମ୍ବ ନେଇ ଗୋଟା ଗୋଟା କରି ନିଜ ଘର ଭିତରକୁ ଫିଙ୍ଗିବାକୁ ଲାଗିଲେ । ବେପାରୀ ଫେରିଆସି ତାହା ଦେଖି ପଣ୍ଡିତଙ୍କ ନିକଟରେ ଅଭିଯୋଗ କରିବାରୁ ପଣ୍ଡିତ ଛାତ୍ରଙ୍କଠାରୁ କୈଫିୟତ୍ ମାଗିଲେ ।

ଛାତ୍ର ଉତ୍ତର ଦେଲେ, "ଆପଣହିଁ ତ ଶିଖାଇଛନ୍ତି, 'ପର ଦ୍ରବ୍ୟେଷୁ ଲୋଷ୍ଟ୍ରବତ୍ ।' ମୁଁ ଟେକାମାରି ଶିଖୁଥିଲି ମାତ୍ର ।"

❋ ମୋ ମୁହଁ ମୋ ଟିକଟ ❋

ଜଣେ ରେଲଯାତ୍ରୀ ଗୋଟାଏ ଷ୍ଟେସନ ବାଟେ ଅନେକ ଥର ଯିବା ଆସିବା କରିବା ପରେ ମନେକଲେ ଯେ, ଷ୍ଟେସନର କର୍ମଚାରୀମାନେ ତାଙ୍କୁ ଚିହ୍ନି ଗଲେଣି, ସୁତରାଂ ତାଙ୍କର ଟିକଟ କିଣିବା ଦରକାର ହେବନାହିଁ । ସେଦିନ ବିନା ଟିକେଟରେ ଯାଉଥିବା ବେଳେ ଟିକଟପରୀକ୍ଷକ ଆସି କହିଲା, "ଦେଖି ଆପଣଙ୍କ ଟିକଟ ।"

"ମୋ ମୁହଁ ମୋ ଟିକଟ ।"

ଟିକଟପରୀକ୍ଷକ ଟିକଟ ଫୋଡ଼ିବା ଯନ୍ତ୍ର ଖଞ୍ଜି ଖଞ୍ଜି କରି ଉତ୍ତରରେ କହିଲା, "ଦେଖନ୍ତୁ ଆଜ୍ଞା ଆପଣଙ୍କ ମୁହଁ, ମୁଁ ଫୋଡ଼ି ଦେଇଯାଏ ।"

Digitized by srujanika@gmail.com

❋ କୁକୁରର ଉପହାର ❋

କଣେ ମହାଜନ ମାଛ ହାଟକୁ ମାଛ କିଣିବାକୁ ଯାଇଥିଲେ । ତାଙ୍କ କୁକୁର ତାଙ୍କ ସଙ୍ଗରେ ଯାଇ ଗୋଟାଏ କଙ୍କଡ଼ା ଟୋକେଇ ଭିତରକୁ ଲଙ୍ଗୁଡ଼ଟା ପକାଇ ଠିଆହୋଇ, ମାଛ ଗନ୍ଧରେ ମନ ଖପି କରିବାକୁ ଲାଗିଲା । କଙ୍କଡ଼ା ପସରାର ଗୋଟାଏ କଙ୍କଡ଼ା ତାର ଲାଞ୍ଜକୁ ଯାପି ଧରିବାରୁ ସେ ପ୍ରାଣବକଲରେ ପଳାଇଗଲା ।

',ହେ ମହାଜନ, ମଲି ତମ କୁକୁରକୁ ଡାକ ମ, ତମ କୁକୁରକୁ ଡାକ ମ ।"

"ଉଁ, ତୁ ତୋ କଙ୍କଡ଼ାକୁ ଡାକୁନାହୁଁ ?"

❋ ଜାଣିଗଲା ❋

ମଧୁ ଖବର କାଗଜରେ ଯୁଦ୍ଧର ସମ୍ବାଦ ପଢି ସାରି, ମା'ଙ୍କୁ ପଚାରିଲା, "ମା, ଯୁଦ୍ଧ ଆରମ୍ଭ ହୁଏ କିପରି ?"

ମା—"ଧର୍ ଗୋଟାଏ ପକ୍ଷ ବନ୍ଧୁକ ଚଳାଇଲା, ଆର ପକ୍ଷ ତୀର ମାଇଲା;—"

ତାହା ଶୁଣି ମଧୁର ବାପା କହିଲେ, "ଯୁଦ୍ଧ କଣ ଏହିପରି ଆରମ୍ଭ ହୁଏ ?"

"ନିଶ୍ଚୟ ଏହିପରି ଆରମ୍ଭ ହୁଏ ।"

"କାହାଠୁ ଶୁଣିଥିଲ ନା ନିଜ ମନରୁ କହୁଛ ।'

"କାହିଁକି ପାଟି କରୁଛ ? ଯାଅ ।"

"ତୁମେ ଯେ ଭୁଲ କହୁଛ ଏଥିରୁ ପୁଅ ଶିଖିବ କଣ ?

"ପୁଅ ଯାହା ଶିଖିଲା; ତୋର କଣ ଅଛି ?'

"ତୋ ପୁଅ, ନା ମୋ ପୁଅ ?"

"ମୋତେ ତୋର ବୋଲି କହିବାକୁ ତୁ କିଏ ?

Digitized by srujanika@gmail.com

"ତୋ ପୁଅର ବାପ !"

"ତୁ କି ବାପ ମୋର ପୁଅର ମ ? ଏ ପୁଣି ବାପ ।"

ମଧୁ ଉଠି ବାହାରକୁ ଚାଲି ଯାଉ ଯାଉ କହିଲା, "ମୁଁ ଶିଖି ସାରିଲିଣି; ବନ୍ଦକର । ଯୁଦ୍ଧ ତେବେ ଏହାପରେ ଆରମ୍ଭ ହେବ ।"

❋ କାହାକୁ ଦେଖିବ ? ❋

ଡାକ୍ତର ରୋଗୀର ଶେଯ ପାଖେ ଠିଆ ହୋଇ, ବିଷଣ୍ଣଭାବରେ ଚାହିଁ ପଚାରିଲେ, "ଆଉ ଲୁଚେଇଲେ ଲାଭ କଣ ? ତୁମ ଦେହର ଅବସ୍ଥା ଖୁବ୍ ଖରାପ । ତୁମର କାହାକୁ ଦେଖିବାକୁ ଇଚ୍ଛା ହେଉଛି ?"

"ହଁ"

"କାହାକୁ ।"

"ଆଉଜଣେ ଡାକ୍ତରକୁ ।"

❋ ଚତୁରତା ❋

ପୁଅ ଯାତ୍ରା ଦେଖି ଯାଇଥିଲା । ସେ ଫେରିଲାବେଳେ କାଲେ ବର୍ଷା ହେଲେ ସେ ତିନ୍ତି ଯିବ, ସେଥିପାଇଁ ମା' ତାକୁ ଗୋଟାଏ କନା ଛତା କିଣିବାକୁ ପଇସା ଦେଇ, କହିଲା, "ବର୍ଷାରେ ଓଦା ହେଲେ ସର୍ଦ୍ଦି ହେବ ।"

ସେଦିନ ଖୁବ୍ ବର୍ଷା ହେଲା । ମା' ପୁଅ ବିଷୟରେ କପରି ଆଗରୁ ସାବଧାନ ହୋଇଥିଲା, ତାହା ଭାବି ଖୁସି ହେଉଥିଲା, ଏପରି ସମୟରେ ପୁଅ ଅପାଦମସ୍ତକ ତିନ୍ତି ତିନ୍ତି ଆସି ପହଞ୍ଚିଲା ।

"ମୁଁ ପରା ପଇସା ଦେଇଥିଲି ଛତା ଆଣିବାକୁ ?"

"କିଣିଲି ।"

"କଣ କଲୁ ?"

"ସେ ଦୋକାନରେ ଥୋଇଦେଇ ଆସିଛି । କାଲି ଯାଇ ଆଣିବି ।"

Digitized by srujanika@gmail.com

"ତଥାଇଦେଇ କାହିଁକି ଆସିଲୁ ମ ?"

"ଓଦା ହୋଇଯିବ ବୋଲି ଏ ବର୍ଷାରେ । ତୁ ପରା କହୁଥିଲୁ ଓଦାହେଲେ ସର୍ଦ୍ଦି ହୁଏ ।"

❋ ଆହାଛେଳି ! ❋

"ଛେଳିଟା ଯଦି ବୋଲି ମାନି ଗୁହାଳରେ ରହୁଥାନ୍ତା, ତାକୁ ବାଘ ପେଟରେ ପଡ଼ିବାକୁ ହୋଇ ନ ଥାନ୍ତା ।"

"ମ, ଆମ ପେଟରେ ପଡ଼ିବାକୁ ହୋଇଥାନ୍ତା ।"

❋ କାର୍ଯ୍ୟକାରୀ ସୂଚନା ❋

"ପୁଅ, ଧାଇଁ ଯା କି କୁନିର କୁର୍ତ୍ତା ଉପର ମହଲାରେ ଅଛି ନେଇ ଆସିବୁ ।"

"ମୁଁ ଯାଇ ପାରିବି ନାହିଁ ।"

"ତୁ ଏମିତି କୁନିକୁ ଦେଖି ନ ପାରିଲେ, ସେ ତ ସ୍ୱର୍ଗରୁ ଆସିଛି, ସେ ତାର ପକ୍ଷୀ ଦିଓଟି ପିନ୍ଧି ପୁଣି ସେହି ସ୍ୱର୍ଗକୁ ଉଡ଼ି ଚାଲିଯିବ ସିନା !"

"ଆଚ୍ଛା, ଆଜି ପକ୍ଷୀ ଦିଓଟି ପିନ୍ଧି, ଉପର ମହଲାକୁ ଉଡ଼ିଯାଇଁ ତା କୁର୍ତ୍ତା ନେଇ ଆସୁନା ଆଗ । ପରେ ସ୍ୱର୍ଗକୁ ଯିବ ।"

❋ ସର୍ବୋତ୍କୃଷ୍ଟ ଚଷମା ❋

"ମୋର ହଲେ ଖୁବ୍ ଭଲ ଚଷମା ଦରକାର ।"

"ବେଶି ଦିନ ଯିବା ଭଳି ?"

"ନା ପଦାର୍ଥ ଠିକ୍ ଚିହ୍ନାଇ ଦେବା ଭଳି ।"

"କି ପଦାର୍ଥ ଚିହ୍ନାଇବା ଦରକାର ? ଦୂର ପଦାର୍ଥ, ନା ନିକଟର ସାନ ପଦାର୍ଥ ?"

Digitized by srujanika@gmail.com

'ଏତେବେଳ ଯାଏ ବୁଝିନାହଁ ? ମୁଁ ମଫସଲ ବୁଲି ଯାଇ-ଥିଲି । ସେଠାରେ ଗୋଟାଏ ମସ୍ତ ଭୁଲ୍ କରି ପକାଇଛି । ସେ ପ୍ରକାର ଭୁଲ୍ ଯେପରି ଆଉଥରେ ନ ହୁଏ, ସେପରି ଚଷମା ଦରକାର ।'

"ଅଚହ୍ନା ଲୋକକୁ ଚହ୍ନା ବୋଲି ଭାବିଲ ନା କଣ ?'"

"ନା, ଠିକ୍ ତା ନୁହେଁ । ଗୋଟାଏ ଭଉଁରୀକୁ ଜାମୁକୋଳି ବୋଲି ଧରିନେଲି ।"

❋ ନ୍ୟାଯ୍ୟ ଭାଗ ❋

"ଆଈ' ତୁ ଏ ଚଷମା ପିନ୍ଧିଲେ ଛୋଟଛୋଟ କଣ ସାନ ଜିନଷ ବଡ ଦିଶୁଛି ?"

"ହଁ, ରେ ବାପା ଦିଶୁଛି ।"

"ଆଈ, ତୁ ମୋ ପାଇଁ ଖାଇବାକୁ ବାଢ଼ିଲାବେଳେ ଏ ଚଷମା ଆଖିରୁ କାଢି ରଖିବୁ ।"

❋ ସୁନ୍ଦର ପ୍ରତିକାର ❋

ତରୁଣ ଯୁବକ—"ମୋର ଏ ଫଟୋଟା ମନ୍ଦ ହୋଇନାହିଁ ଅବଶ୍ୟ । ମାତ୍ର ମୋର ନାଶ ଦ'ପଟା ଟିକିଏ ବଡ଼ ହୋଇପାରିବ ନାହିଁ ?"

ଫଟୋଗ୍ରାଫର—"ହଁ, ଖୁବ୍ ହୋଇ ପାରିବ । ପାଞ୍ଚ ସାତ ବର୍ଷ ଛାଡ଼ି ମୋ ପାଖକୁ ଫେରି୍ ଥରେ ଆସ ।"

❋ ୭ ଏବଂ ୨୭ ❋

ମା, ପୁଅ ରେଲଗାଡ଼ିରେ ଯିବାବେଳେ ମା ଟିକଟ କଲେକଟରଙ୍କୁ ଦେଢ଼ ଖଣ୍ଡ ଟିକଟ ଦେଖାଇଲା । ତାହା ଦେଖି ଟିକଟ କଲେକ୍ଟର ପଚାରିଲେ, "ଏ ପିଲାର ବୟସ କେତେ ?"

Digitized by srujanika@gmail.com

"ସାଡ଼ ବର୍ଷ ।"

ଟିକଟ କଲେକଟର କିଛି ନ କହି ଚାଲିଗଲା । ପିଲା କିଛି ସମୟ ଭାବିଲା । ମନେକଲା ଯେ, ତା ମା ଓ ତା ନିଜ ବୟସରେ ଟିକଟ କଲେକ୍ଟରକୁ ଅଧା ସମ୍ବାଦ ଦିଆହେଲା ମାତ୍ର । ତେଣୁ ଟିକଟ କଲେକ୍ଟରକୁ ଦୂରରୁ ଡାକି ପାଟି କରି କହିଲା, "ଆଉ ମା ସତେଇଶ ବର୍ଷ ।"

❋ କାହିଁକି ଆସିଛି ❋

ଅଧ୍ୟାପକଙ୍କ ସ୍ତ୍ରୀ ଗର୍ଭ ବେଦନା ଯୋଗେ ଏନ୍ତୁଡ଼ିଶାଳରେ ଥିଲେ । ଧାଈ ହଠାତ୍ ଖୁସିରେ ଧାଇଁ ଆସି କହିଲା, "ପୁରୁଷ ପିଲାଟିଏ ।"

ଅଧ୍ୟାପକ—"ପଚାର କାହିଁକି ଆସିଛି ?"

❋ ଅଲଙ୍କାରରେ ଉତ୍ତର ❋

ଅଭିନେତ୍ରୀ—"ଆପଣ ଯେତେ ଭୋଜନ ଦୃଶ୍ୟରେ ପ୍ରକୃତରେ ଖାଇବାକୁ ନ ଦିଅନ୍ତି, ତେବେ ଆମେ ତା' ପର ଦୃଶ୍ୟମାନଙ୍କରେ ଭଲ ଅଭିନୟ କରିବୁ ବୋଲି ଆପଣ କିପରି ଆଶା କରିବେ ?"

ରଙ୍ଗମଞ୍ଚ ମାଲିକ—"ନାଁ, ତମର କଥା ହେଉ । ଭୋଜନ ଦୃଶ୍ୟରେ ପ୍ରକୃତ ଭୋଜନ, ଅଗ୍ନି, ମୃତ୍ୟୁ ଦୃଶ୍ୟରେ ପ୍ରକୃତ ବିଷ ବା ପ୍ରକୃତ ଛୁରିକା ଆଘାତ ଏଣିକି ବରାବର ତୁମେମାନେ ପାଇବ ।"

❋ ସ୍ୱର୍ଗକୁ ଯିବା ଉପାୟ ❋

"ମା, କେବଳ ସ୍ତ୍ରୀଲୋକମାନେ କଣ ସ୍ୱର୍ଗକୁ ଯାଆନ୍ତି ?"

"ନା ବାପା, ପୁରୁଷମାନେ ମଧ୍ୟ ଯାଆନ୍ତି ।"

Digitized by srujanika@gmail.com

"କାହିଁ, ମୁଁ ଯେତେ ଦେବତାଙ୍କର ଚିତ୍ର ଦେଖିଲି କାହାର ତ ନିଶ ଦାଢି ନାହିଁ ?"

"ସ୍ତ୍ରୀଲୋକମାନେ ଖିଅର ନୋହିଲେ କଣ ସ୍ଵର୍ଗକୁ ଯାଇ ପାରନ୍ତି କି ?"

❋ ଶଶୁର ଶ୍ରାଦ୍ଧ ❋

ଗିରସ୍ତଙ୍କ ଶ୍ରାଦ୍ଧ ଦିନ ଶାଶୁ ନୂଆ ହୋଇ ଆସିଥିବା ବୋହୂ ସହିତ ମିଶି ରନ୍ଧା ବଢ଼ାରେ ଲଗିଲ୍। ଶାଶୁ କ୍ଷୀରହାଣ୍ଡି ବୋହୂ ଜିମା ଦେଇ ପାଖଘରକୁ ପିଠା ତିଆରି କରିବାକୁ ଗଲା । କିଛି ସମୟ ପରେ ବୋହୂକୁ ପିଠାଚୂଲୀ ପାଖରୁ କହିଲା, "ତୁ କ୍ଷୀରଟା ସାରି, ଥାଳି କଂସା ଧୋଇପକା । ମୁଁ ପିଠା କରିସାରିଲେ, ଶ୍ରାଦ୍ଧ ବାଢ଼ିବା ।"

କିଛି ସମୟପରେ ବୋହୂ ଗଭୀର ତୁଣ୍ଡରେ କହିଲା, "ମୋର କ୍ଷୀର ସରିଲାଣି । ମୋତେ ଖଣ୍ଡେ ପିଠା ଦେଲେ, ଖାଇ ଥାଳିଟା ଧୋଇଦେବି ।"

ଶାଶୁ ଆସି ଦେଖେ ଯେ ବୋହୂ ଥାଳିରେ ଥାଳିଏ କ୍ଷୀର ଖାଇସାରି ବସିଛି ।

❋ ଡାକୁ ନ ଥିଲି ❋

ଅତିଥି ଦୁଇ ପହରୁ ସନ୍ଧ୍ୟାଯାଏ ଦୁଆରେ ବସି ରହିଲେ; ତଥାପି ତାଙ୍କୁ ପାଛୋଟି ନେବାକୁ ଘର ଭିତରୁ କେହି ଆସିଲେ ନାହିଁ । ଶେଷରେ ସେ ଖୁବ୍ ପାଟିକରି ଡାକିଲେ ।

"ଆପଣ କଣ ଡ଼ାକୁଥିଲେ ?"

"ନା, ଏ ଘରେ ସମସ୍ତେ ମରିଗଲେଣି ଭାବି ଦୁଃଖରେ କାନ୍ଦିବାକୁ ଯାଉଥିଲି ।"

Digitized by srujanika@gmail.com

❋ ଆଖି ଫୁଟି ଯାଇଥାନ୍ତା ❋

"ଆଚ୍ଛା, ତୁମ ପୁଅ ଯେ କାଲି ସାପ କାମୁଡ଼ାରେ ମଲା, ସାପ କେଉଁଠାକୁ କାମୁଡ଼ିଥିଲା ?"

"ପାଦକୁ ।"

"ରକ୍ଷା ହୋଇଛି, ଆଖିକି ଚୋଟ ମାରିଥିଲେ ତ ଆଖି ଫୁଟିଯାଇଥାନ୍ତା ।"

❋ ଆଉ କି ଉପାୟ ଅଛି ? ❋

"ମୁଁ କମଳାର ହାତ ଧରି ନ ପାରିଲେ ଏ ପ୍ରାଣ ହରାଇ ଦେବି, ତା ବିନା ଏ ଜୀବନରେ କି ମୂଲ୍ୟ ଅଛି ?"

"ତୁ ନିଶ୍ଚୟ ତା ବାପାର ଟଙ୍କା ଦେଖି ତାକୁ ବିବାହ ହେବାକୁ କହୁନାହୁଁ ?"

"କାରଣଟା ଭୁଲ କରି କହିଲୁ । ତାକୁ ବିବାହ ନ ହେଲେ ତା ବାପର ଟଙ୍କା ମୋ ହାତରେ ପଡ଼ିବ ନାହିଁ, ତାକୁ ବିବାହ ହେବାକୁ ଜିଦ୍ କରିବାର ଏହି କାରଣ; ତା ବାପର ଟଙ୍କା ଦେଖି ନୁହେଁ ।"

❋ ବୃଥା ହୋଇଥାନ୍ତା ❋

ସ୍ୱାମୀ—"ବାସନକୁସନ ସବୁ ରାତି ଭିତରେ ଚୋର ନେଇ ଯାଇଛି ।"

ଭାର୍ଯ୍ୟା—"ମୁଁ ଶୋଇବା ଆଗରୁ ମାଜିମୁଜି ଘର ଭିତରେ ରଖିବି-ବୋଲି ଭାବୁଥିଲି ଟି । ଭାଗ୍ୟକୁ ସେ କଥା କରିନାହିଁ; ନୋହିଲେ କେତେ ଶ୍ରମ ବୃଥା ହୋଇଥାନ୍ତା ।"

❋ ସ୍ୱରଜ୍ଞାନ ❋

"ଗାୟିକାର ସ୍ୱର ନଷ୍ଟ ହୋଇଗଲା ବୋଲି ସେ ଜାଣିଲେ ତାର ବଡ଼ କଷ୍ଟ ହେଉଥିବ, ନା ?" ଗାୟିକା ଗୀତ ଗାଇ ସାରି

Digitized by srujanika@gmail.com

ଏହା କହି ଝିଅଏ ତୁନି ହେଲା । ତାର ତଣ୍ଟି ସାମାନ୍ୟ ବସି ଯାଇଥିଲା ।”

“ନା, ତାଠାରୁ ବହୁତ ବେଶି କଷ୍ଟ, ଯେତେବେଳେ କ ସେ ଏହା ଜାଣି ନ ପାରେ ।”

❋ ଘୋର ଅପମାନ ❋

“ଝିଅ ଶ୍ୱଶୁର ଘର ଫେରିଆସି ମା’କୁ କହିଲା, “ମୁଁ ଆଉ ତା ଘରକୁ ଯିବିନାହିଁ ମା, ସେ ମୋତେ ବଡ଼ ଅପମାନ ଦେଲା ଧନେ ।”

“କିଏ ? ଶଶୁର ?”

“ନା, ତୋ ଜୋଇଁ ।”

“କଣ କଲେ ସେ ?”

“ମୁଁ ତାକୁ ଧନେ ଗାଳିଦେଲି ଯେ ସେ ମୋତେ ଯାହା କଲା !”

“କଣ, ମାଇଲେ ?”

“ନା, ଆହୁରି ଅଧିକ ।”

“କଣ, କହନା ।”

“ମୁଁ ଗାଳି ଦେଉଛି, ସେ ତୁନି ହୋଇ ବସି ହାଇ ମାଇଲା । ମୁଁ ଆଉ ଯିବ ନାହିଁ ।”

❋ କାରଣ ❋

“ତୁ କାହିଁକି ଏତେ ବେଗରେ ଧାଇଁଛୁ, ରାମ ?”

“ଦୁଇ ଜଣଙ୍କର ମାଡ଼ଗୋଳ ବନ୍ଦ କରିବାକୁ ।”

“କାହାର କାହାର ?”

Digitized by srujanika@gmail.com

"ଜଣେ ଶ୍ୟାମ, ଏହି ପଛରେ ଗୋଡ଼ାଇଛି, ଆଉ ଜଣେ ମୁଁ ।"

❋ ଦିଆନିଆ ❋

କଂସେଇ ଓକିଲଙ୍କ ପାଖକୁ ଯାଇ କହିଲା, "ମହାଶୟ, ଯଦି କାହାର କୁକୁର ମୋ ଦୋକାନରୁ ମାଂସ ଖାଇଯାଏ, ମୁଁ ତାକୁ ଆଇନ ଅନୁସାରେ କଣ କରିପାରେ, ମୋତେ ପରାମର୍ଶ ଦିଅନ୍ତୁ ।"

"ତାଠାରୁ ମାଂସର ଦାମ କ୍ଷତିପୂରଣ ସ୍ୱରୂପ ଆଦାୟ କରିନିଅ । ମକଦ୍ଦମାକୁ ଯିବା ମହା ହେଙ୍ଗାମ ।"

"ତେବେ ମୋତେ ଆଠଅଣା ଦେଇ ଦିଅନ୍ତୁ । ଆପଣଙ୍କ କୁକୁର ମୋ ଦୋକାନରୁ ଆଜି ତିନପାଉ ଉପର ମାଂସ ଖାଇ-ଯାଇଛି ।"

"ତାହାହେଲେ ତୁମେ ଆଠଅଣା କାଟି ମୋତେ ଦଶଟଙ୍କା ଦେଇ ଦିଅ । ମୋର ପରାମର୍ଶ ଫିସ୍ ହେଉଛି ଦଶ ଟଙ୍କା ଆଠଅଣା ।"

❋ ବହୁତ ଅଛି ❋

ବକାଳୀମାନେ ବନ୍ଦିରେ ବୃଦ୍ଧି କରୁଛନ୍ତି ବୋଲି ଦୋକାନ-ଦାର ବରାବର ଭାବୁଥାଏ । ସେ ଦିନେ ଶୁଣିଲା, ଜଣେ ବକାଳ କୌଣସି ଖରିଦଦାରକୁ କହୁଛି, "ଅନେକ ଦିନ ହେଲା ତ ନାହିଁ ।"

ଦୋକାନଦାର ଶୁଣି ବକାଳ ଉପରେ ଖପା ହୋଇ କହିଲା, "ତୁ ଦେଖିଥିଲୁ, ନାହିଁ ? ଗୋଦାମରେ ତ ଗଦା ମରିହୋଇଛି ।" ତାହା ଶୁଣି ଖରିଦଦାର କିଛି ବୁଝି ନ ପାରି ହସି ହସି ଚାଲିଗଲା । ଦୋକାନଦାର ବକାଳକୁ ପଚାରିଲା, "ସେ କଣ କହୁଥିଲା କି ?"

Digitized by srujanika@gmail.com

"କହୁଥିଲି, କେତେଦିନ ହେଲା ବର୍ଷା ନାହିଁ ?"

❋ ପିଠା ପାଗ ❋

ଭାର୍ଯ୍ୟା ତିଆରି କରିଥିବା ପିଠା ସ୍ୱାମୀ ଖାଇବାକୁ ବସିଥିଲା ।
ସ୍ୱାମୀ—"ଏ ପିଠାପାଗ ତୁମେ କେଉଁଠାରୁ ପାଇଲ ?"
ଶିକ୍ଷିତା ଭାର୍ଯ୍ୟା—"ରନ୍ଧନ-ବିଜ୍ଞାନ ବହିରୁ ।"
ସ୍ୱାମୀ—"ଏ ଯେ ଦାନ୍ତରେ ଛିଣ୍ଡୁନାହିଁ, ଏଟା ସେ ବହିର ଚମଡ଼ା ମଲାଟ; ନା କଣ ?"

❋ ଅପେକ୍ଷା ❋

ଗୋଟିଏ ବସାରେ ଗୋଟିଏ କୋଠରୀରେ ଗୋପାଳ ଓ ତା ପାଖ କୋଠରୀରେ ଗୋବିନ୍ଦ ରହୁଥିଲେ । ଦିନେ ଗୋପାଳ ବୁଲି ବୁଲି ରାତି ଅଧରେ ଆସି, ଗୋଟାଏ ପାଦରୁ ଜୋତାଟା ଖୁବ୍ ଜୋରରେ ଫିଙ୍ଗି ଦେଲା । ତାପରେ ତାର ମନେ ପଡ଼ିଲା ଯେ ଗୋବିନ୍ଦର ନିଦ ଭାରି ଚଞ୍ଚଳ ଏବଂ ସାମାନ୍ୟ ଶବ୍ଦ ହେଲେ ସେ ଉଠିପଡ଼େ । ସୁତରାଂ ଆଉ ଜୋତା ପଟକ ଓ ଲୁଗାପଟା ସେ ଧୀରେ ଧୀରେ ରଖି ଶୋଇପଡ଼ିଲା ।

ତାକୁ ଖୁବ୍ ନିଦ ଲାଗିଯାଇଛି, ଏପରି ସମୟରେ ତା କୋଠରୀ ଦୁଆରେ କିଏ ଆସି ହାତ ମାରି ଡ଼ାକିଲା । ଗୋପାଳର ନିଦ ଭାଙ୍ଗି ଯିବାରେ ସେ ପାଞ୍ଚ ବାର ଜାଣିଲା ଯେ ଗୋବିନ୍ଦ କହୁଛି, "ତୁମର ଆର ଜୋତା ପଟକ କେତେବେଳେ ଫିଙ୍ଗିବ ? ମୁଁ ତିନି ଘଣ୍ଟା ହେଲା ନ ଶୋଇ ତାକୁ ଅପେକ୍ଷା କରି ଶେଯରେ ପଡ଼ିଛି ।"

❋ ଏଟାସେଟା ❋

ହଠାତ୍ ସଭାଗୃହରେ ପଣ୍ଡିତ ବକ୍ତା ନିଜର ଲିଖିତ ବକ୍ତୃତା ପଢ଼ି ଶୁଣାଇବାରେ ଲାଗିଲେ । ସଭାପତି ଯେତେ ମନା କଲେ ସେ

Digitized by srujanika@gmail.com

ଶୁଣିଲେ ନାହିଁ । ସେ ଏକା ଗ୍ରହାରେ ଗର୍ଜନ ତର୍ଜନ କରି ବକ୍ତୃତା ପଢ଼ା ଶେଷକଲେ ।

ସଭାପତି କହିଲେ, "ଆପଣଙ୍କ ବକ୍ତୃତା ସାରିଲେ କିଛି ନ ଶୁଣି ।"

ବକ୍ତା—"ମୁଁ ଖାଣ୍ଟି ଖାଣ୍ଟି କଥାମାନ କହୁଛି । ଆପଣ କୌଣସିଟା କାଟି ପାରିବେ ନାହିଁ ।"

ସଭାପତି—"ଏଟା ହେଲା 'ସାହିତ୍ୟ ସଭା' । ଆପଣ ଯେ 'ମର୍କଟ ନିସ୍କାଶିନୀ ସଭା' ପାଇଁ ବକ୍ତୃତା ଲେଖି ଆଣିଥିଲେ, ତାର ବୈଠକ ଏ ପାଖ ଘରେ ହେଉଛି ।"

❋ ଯାନ ❋

ବାପ ଓ ଝିଅ ଦୁହିଙ୍କର ବାଟ ପା'ଏ ଚାଲିବାର ଥିଲା ।

"ଝିଅ, ଚାଲି ଯିବା, ନା ଗାଡ଼ିରେ ଯିବା ?"

"ନା, ଚାଲି ଯିବା । ଗାଡ଼ି ଭଡ଼ା କାହିଁକି ଦେବା ? କିନ୍ତୁ ତମେ ମୋତେ କାନ୍ଧ କରି ନେବାକୁ ପଡ଼ିବ ।"

❋ ଅଧେ ❋

ଭାର୍ଯ୍ୟା—"ମୁଁ ପରି ଟଙ୍କାଟାଏ ମାଗିଲି । ତମେ କଣ ଶୁଣି ପାରିଲ ନାହିଁ ?"

ସ୍ୱାମୀ—"ପାରିଲି ।"

ଭାର୍ଯ୍ୟା—"ତେବେ ଅଧୁଲିଟାଏ କାହିଁକି ଦେଇଛ ?"

ସ୍ୱାମୀ—"ତୁମେ ପରି କାଲି ମୋତେ କହିଲ ଯେ ମୁଁ ଯାହା ଶୁଣେ ତାହାର ଅଧା କେବଳ ମୋର ବିଶ୍ୱାସ କରିବା ଉଚିତ ।"

Digitized by srujanika@gmail.com

❋ କେବଳ ହଲାଉଛି ❋

ପାଖ ଘରେ ଧୁଲ୍‌ଦାଲ୍‌ ଶବ୍ଦ ହେବାରୁ ମା ଯାଇ ଦେଖେ ଯେ ତାର ଏଗାରବର୍ଷର ପୁଅ ମାଙ୍କଡଚଢ଼୍‌ ମାରୁଛି, କୁସ୍ତି କରୁଛି, ଉଠୁଛି, ବସୁଛି ଧୁଲ୍‌ଦାଲ୍‌ ପଡ଼ୁଛି ।

"ଏ କଣ ରେ ପୁଅ ! ବାୟାହୋଇ ଗଲୁ ? ଏ କଣ !"

ପୁଅ କିଛି ସମୟ କସରତ୍‌ ବନ୍ଦ କରି ଉତ୍ତରରେ କହିଲା, "ମୋ ଡାକ୍ତର କଥା କରୁଛି ଆଜି ଔଷଦ ଖାଇଦେଲି; ମାତ୍ର ଶିଶି ହଲାଇବାକୁ ମନେ ନ ଥିଲା । ଔଷଦ ତ ଏହି ପେଟରେ ଅଛି । ସେଥିପାଇଁ ମୁଁ ତାକୁ ହଲାଇବାକୁ ଚେଷ୍ଟା କରୁଥିଲି । ତୁ ତ କହୁଛୁ ଯେ ଔଷଦ ଖାଇଲା ବେଳେ ଶିଶିଟା ଆଗରୁ ହଲାଇନେବା ଦରକାର ।"

❋ ପୂର୍ବାପର ବିଚାର ❋

ଜଣେ ପଣ୍ଡିତଙ୍କର ଗୋଟିଏ କଣା ଲୋଟା ଥାଏ । ସେ ସେଥିରେ ପାଣି ନେଇ ଝାଡ଼ା ଫେରି ଯାଆନ୍ତି । ପଣ୍ଡିତଙ୍କର କୋଷ୍ଠ ବଦ୍ଧ ରୋଗ ଥିବାରୁ ଅନେକ ସମୟ ନ ବସିଲେ ଝାଡ଼ା ହୁଏ ନାହିଁ । ଝାଡ଼ା ଫେରି ସାରିଲା ବେଳକୁ ଲୋଟାର ପାଣି ବହି ଯାଇଥାଏ ।

କେତେଦିନ ଏପରି ଅସୁବିଧା ହେଗିଲା ପରେ ଦିନେ ଝାଡ଼ା ଫେରି ଯିବା ସମୟରେ ପଣ୍ଡିତଙ୍କର ମନେ ପଡ଼ିଲା, "ଅବଶ୍ୟେ କର୍ତ୍ତବ୍ୟେ କର୍ମଣି ପୂର୍ବାପରେ ବିଚାରେ ନ କର୍ତ୍ତବ୍ୟଃ ।" ସେ ମନେ ମନେ ଭାବିଲେ, "ଶୌଚ କରିବା ତ ଅବଶ୍ୟ କର୍ତ୍ତବ୍ୟ କର୍ମ । ଏଥିରେ ଆଉ ପୂର୍ବାପର ବିଚାର କଣ ?" ସେଥିପାଇଁ ସେ ଝାଡ଼ା ଫେରି ବସିବା ଆଗରୁ ପ୍ରଥମେ ଶୌଚ କରି ପକାଇଲେ ।

Digitized by srujanika@gmail.com

❋ ଅପକ୍ଷପାତ ❋

"ଆମର ଏ ନୂଆ ଦେବାନ୍‌ଙ୍କର ପକ୍ଷପାତ ଋଗ୍ଧର ନାହିଁ ।"

"ହଁ, ସେଟା ଠିକ୍ । ମୁଁ ତାଙ୍କ ସଙ୍ଗେ ଥରେ ଶୀକାରକୁ ଯାଇଥିଲି । ଗୁଳି ଚଢ଼େଇ ଦେହରେ ବାଜୁଛି, କି ନିଜ କୁକୁର ଦେହରେ ବାଜୁଛି, କି ସଙ୍ଗରେ ଯାଇଥିବା ଲୋକଙ୍କ ଭିତରୁ କାହା ଦେହରେ ବାଜୁଛି, ତାଙ୍କର ସେ ବିଷୟରେ ଆଦୌ ଖାତିର ନ ଥାଏ ଦେଖିଲି ।"

"ଆଉ ମୁଁ ମଧ୍ୟ ଦେଖିଲି, ସେ ମଫସଲକୁ ଯାଉଛନ୍ତି । ମଫସଲ ଖର୍ଚ୍ଚଟା ତାଙ୍କର ହାତରୁ ହୁଏ ନାହିଁ । ଯେ ଗ୍ରାମକୁ ଯିବେ ସେ ଗ୍ରାମଲୋକଙ୍କଠାରୁ ଧନୀକୁ ଦଶଟଙ୍କା ଖର୍ଚ୍ଚ ବାବଦରେ ନେବେ । ଧନୀ ହେଲେ ମଧ୍ୟ ଦଶ, ନିତାନ୍ତ ଦରିଦ୍ର ମୂଲିଆ ହେଲେ ମଧ୍ୟ ସେହି ଦଶ ।"

❋ ସୀତା ରାମ ❋

'ସୀତାରାମ' ନାମରେ ଏକ ଚୋର ଅନେକ ସ୍ଥାନରେ ଚୋରି କରି ଏକ ନୂଆ ଇଲାକାକୁ ଗଲା । ଜିଲାର ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଯେ ଖବର ପାଇ ସେ ଇଲାକା ଦାରୋଗାକୁ ତାର କଲେ, "ସୀତାରାମ ବିଷୟରେ ଏକ ବିବରଣ ଜଣାଅ ।"

ଦାରୋଗା ସେ ଚୋର କଥା ଆଗରୁ ଜାଣି ନ ଥିଲେ । ସେ ଅନେକ ଭାବି ଭାବି ଶେଷରେ ଟେଲିଗ୍ରାମ୍‌ର ଉତ୍ତର ଦେଲେ, "ରାମାୟଣ ପଢନ୍ତୁ ।"

❋ ସ୍ୱର୍ଗଯାତ୍ରା ❋

ନୀତିଶିକ୍ଷା ଶ୍ରେଣୀରେ ଶିକ୍ଷକ ଛାତ୍ରମାନଙ୍କର ଧର୍ମପ୍ରବୃତ୍ତି ପରୀକ୍ଷା କରିବା ନିମନ୍ତେ ପଚାରିଲେ, "ଯେଉଁମାନେ ସ୍ୱର୍ଗକୁ ଯିବାକୁ ଇଚ୍ଛା କର ଠିଆ ହୁଅ ।"

Digitized by srujanika@gmail.com

ଗୋଟିଏ ସାନ ପିଲା ଛଡ଼ା ସମସ୍ତେ ଠିଆ ହେଲେ ।

"ତୁ ସ୍ୱର୍ଗକୁ ଯିବାକୁ ଇଚ୍ଛା କରୁନାହୁଁ, ନା କଣ ?"

"ନା, ଏମାନେ ସମସ୍ତେ ଗଲେ, ମୁଁ ଯିବ ନାହିଁ ।"

❋ ସମ୍ପର୍କ ❋

ସୃଷ୍ଟିର ଭିନ୍ନ ଭିନ୍ନ ପଦାର୍ଥମାନଙ୍କ ମଧ୍ୟରେ ପ୍ରାକୃତିକ ସମ୍ପର୍କ ଥିବା ବିଷୟ ଛାତ୍ରମାନଙ୍କୁ ବୁଝାଇ, ତାହାର ଉଦାହରଣ ସ୍ୱରୂପ ଶିକ୍ଷକ କହିଲେ, "ଗଛର ସମ୍ପର୍କ ମାଟି ସହିତ, ଯେଉଁଠାରେ ଗଛ ଦେଖିବ, ତା' ତଳେ ମାଟି ଦେଖିବ, ଚଢେଇମାନଙ୍କ ସମ୍ପର୍କ ଗଛ ସହିତ । ବୁଝିଲ ତ ?"

"ହଁ, ହଁ ।"

"ଆଚ୍ଛା, ସେହିପରି ମାଛର ସମ୍ପର୍କ କାହା ସହିତ କହିଲ ।"

"ଭାତ ସହିତ ।"

❋ ପକେଟ୍‌ରେ ଅଛି ❋

ଯୁଦ୍ଧରେ ଜଣେ ସୈନିକର ଗୋଡ଼ରେ ଆଘାତ ଲାଗିବାରୁ ଡାକ୍ତର ତାକୁ ଚିକିତ୍ସା କରିବାକୁ ବସିଲେ । ସେ ଗୋଡ଼ର ଅନେକ ସ୍ଥାନ କାଟିଲେ । ତଥାପି ଆହୁରି କାଟିବାକୁ ବସିଲେ । ସୈନିକ ନିତାନ୍ତ ବ୍ୟସ୍ତ, ବ୍ୟାକୁଳ ହୋଇ ପଚାରିଲା, "କଣ ସରିଲା ?"

"ମୁଁ ଗୁଳିଟା ଖୋଜୁଛି ।"

"ଆହା, ମୋତେ ଆଗରୁ ପଚାରିଲେ ନାହିଁ ! ସେଟା ମୋ କୁର୍ତ୍ତା ପକେଟରେ ଅଛି । ମୋ ପାଖରେ ପଡ଼ିଲା ସିନା, ଗୁଳି ମୋ ଗୋଡରେ ଲାଗି ନାହିଁ । ଗୁଳି ଶବ୍ଦରେ ମୁଁ ଡେଇଁ ପଡ଼ିବାରୁ ଗୋଡ ମୋଡ଼ିହୋଇ ଜଖମ ହୋଇଗଲା ।"

Digitized by srujanika@gmail.com

❋ ଦୟା ❋

ଶଗଡ଼ିଆ ଶଗଡ ନେଇ ଗଲାବେଳେ, ବଳଦମାନେ ଧୀରେ-ଧୀରେ ଚାଲୁଥିଲେ ଓ ଶଗଡ଼ିଆ ଗୀତ ଗାଉଥିଲା । କେଉଁଣ ଜଣେ ମାରବାଡ଼ୀ ତାହା ଦେଖି ପଚାରିଲା, "ତୁ କଣ ତୋ ବଳଦଙ୍କୁ ପାଞ୍ଚଣରେ ପିଟୁନାହୁଁ !"

"ନା, ମୁଁ ପାଞ୍ଚବର୍ଷ ହେଲା ତାଙ୍କ ଦେହରେ ପାଞ୍ଚଣ ଛୁଆଁଇ ନାହିଁ ।"

ମାରବାଡ଼ୀମାନେ ଜୀବରେ ଦୟା କରୁଥିବାରୁ ଖୁସି ହୋଇ ସେ ଶଗଡ଼ିଆକୁ ସେ ଗୋଟିଏ ଟଙ୍କା ପୁରସ୍କାର ଦେଇ କହିଲେ, "ଦେଖ ତୁ ପାଞ୍ଚଣରେ କେବେ ପିଟିବୁ ନାହିଁ ।"

"ପାଞ୍ଚବର୍ଷ ତଳେ ବାପା ମୋତେ ଏ କଣ୍ଟାବାଡ଼ି ତିଆରି କରଇ ଦେଇଥିଲେ । ସେହିଦିନୁ ମୁଁ ପାଞ୍ଚଣ ଛାଡ଼ିଛି । ଏହାକହି ଶଗଡ଼ିଆ ସେଥିରେ ବଳଦଙ୍କୁ ଭୁଷି ଦେବାରୁ ବଳଦ ଗଁ ଗଁ ଡାକି ଧାଇଁ ପଳାଇଗଲେ ।

❋ ତାର ଖାଦ୍ୟ ❋

ପଥିକ—"ଦେଖ ଦୋକାନୀ; ତୁମ କୁକୁର ମତେ ବଡ଼ ବିରକ୍ତ କଲାଣି, ମୁଁ ଥରକୁ ଥର ତାକୁ ପଦାକୁ ବାହାର କରି ଦେଉଛି । ତଥାପି ସେ ଆସି ମୋ ତୁଣ୍ଡକୁ ଚାହିଁ ଜିଭରୁ ଲାଳ ଗଡ଼ାଉଛି । ମୁଁ ଟିକିଏ ଶାନ୍ତିରେ ଖାଏ । ତାକୁ ତୁମେ ଟିକିଏ ବାହାର କରିଦିଅ । ଜଳଖିଆ ପଇସା ଦେଇ କିଣି ପୁଣି ସେଥିରୁ କୁକୁରକୁ ଅଧେ ଖୁଆଇବି ନା କଣ ?"

ଦୋକାନୀ—"ମୋ କୁକୁର ତ ସେପରି କରେ ନାହିଁ । ତୁମେ ଯେ ତାର ରୋଜ ଖାଇବା ପଦାର୍ଥତକ ଖାଉଛ କି ?"

Digitized by srujanika@gmail.com

❋ ଗରମ ପାଣି ଚିକିତ୍ସା ❋

ଅତିଥି ଖାଇବସି ତିନି ଗ୍ଲାସ ବାଟି ପାଣିଆ ଡ଼ାଲି ଖାଇ-ଯିବାର ଦେଖି, ଘରଣୀ ପଚାରିଲା, "ତୁମକୁ ଡ଼ାଲି କଣ ଏତେ ଭଲ ଲାଗିଲା ?"

"ମୋତେ ବୈଦ୍ୟ ଗରମ ପାଣି ପିଇବାକୁ କହିଛି ପରା ।"

❋ ଖାଇବାର ପ୍ରକାର ❋

ହୋଟେଲର ମାଲିକ ପଚାରିଲା, "ଆପଣ ଭାତ କିପରି ଭାବରେ ଖାଇବେ ?"

"କି ପ୍ରକାରରେ ଖାଇବି, ତା ଅନୁସାରେ ଦାମରେ କିଛି ପ୍ରଭେଦ ଅଛି ?"

"ନା ।"

"ତେବେ ଘିଅ, କିସମିସ୍, ମାଂସ, ମସଲା ମିଶାଇ ଥୋଡ଼ାଏ ପଲାଉ କରିଦିଅ ଦେଖି ।"

❋ ମୂଷାଯନ୍ତା ❋

ଭାର୍ଯ୍ୟା—"ମୂଷାଗୁଡ଼ାକ ବଡ଼ ଉପଦ୍ରବ କଲେ । ଯନ୍ତା ଗୋଟିଏ ଆଣିଲ ନାହିଁ ?"

ସ୍ୱାମୀ—"ସେଦିନ ତ ଗୋଟାଏ ଆଣି ଦେଇଥିଲି ।"

ଭାର୍ଯ୍ୟା—"ହଁ, କଣ ହେଲା ? ସେଥିରେ ଯେ ମୂଷାଟାଏ ରହିଛି ।"

❋ ଆଉ ଗୋଟାକ କଣ ❋

ଜଣେ ଲୋକ ଯଦୁକୁ ନେଇ ତା ମା ପାଖକୁ ଗଲେ । ଯଦୁ ଭଲ ପଢ଼ିଛି ଦେଖାଇ ତା ମାଠାରୁ ପୁରସ୍କାର ଆଣିବା ତାଙ୍କର ଅଭିପ୍ରାୟ ଥିଲା । ସେ ପଚାରିଲେ, "ଆଚ୍ଛା, କହ ଦେଖି ଯଦୁ, ତୋର ମା'ଙ୍କର

Digitized by srujanika@gmail.com

ଆଗରେ ଉତ୍ତର ଦିଗ, ଡାହାଣ ହାତ ଆଡକୁ ପୂର୍ବଦିଗ, ବାଁ ହାତ ଆଡକୁ ପଶ୍ଚିମ ଦିଗ, ତାଙ୍କ ପଛରେ କଣ ଅଛି କହ ଦେଖି ।"

ଯଦୁ ତୁନିହୋଇ ମୁଣ୍ଡ ପୋତି ରହିଲା । ତହୁଁ ଶିକ୍ଷକ କହିଲେ, "ଭୟ କର ନା ଯଦୁ, କହିଦେ କଣ ଅଛି ।"

ଯଦୁ ଭୟ ଛାଡ଼ି କହିଲା. "ପଛ ପାଖେ ତାଙ୍କ ପିନ୍ଧିବା ଲୁଗାରେ ଲଥା ପଡ଼ିଛି ।"

❋ ଭିର୍ଯ୍ୟା ଦିଏ ❋

ଏକ ହୋଟେଲ ଦୁଆରେ ଲେଖା ଅଛି, "ଏଠାରେ ଭାତ ମିଳେ, ପେଟର ଭାତ କି ଭିର୍ଯ୍ୟା ଦିଏ ।"

ପଥିକ ହୋଟେଲ୍‌ବାଲାକୁ ଯାଇ ପଚାରିଲା, "ସତେ କଣ ତୁମ ଭାତ ଭିର୍ଯ୍ୟା ବାଢ଼ିଲା ପରି ଲାଗେ ?"

"ହଁ ।"

"ତେବେ ମୋତେ ଜଳଖିଆ ଦିଅ ।"

❋ ବିଚାର ଅଦାଲତ ❋

ବିଚାର ପତି—"ଚୋରି କରିବା ସମୟରେ ତୁ ଏକା ଥିଲୁ, ନା ?"

ଅପରାଧୀ—"ହଁ, ଆଜ୍ଞା ସେଥିରେ କଣକୁ ନେଲେ, ସେ ସଚ୍ଚା କି ଖଚୁଆ, ସେ କଥା ଜଣା ପଡ଼ିବ କିପରି ?"

❋ ବଦଳ ❋

ଜଣେ କେଉଟ ଓ ଜଣେ ଗୁଡ଼ିଆଙ୍କ ଭିତରେ ଚୁକ୍ତି ହେଲା ଯେ, ଗୁଡ଼ିଆ ରୋଜ କେଉଟକୁ ଦୁଇଟା ଅଧସେରିଆ ମୁଆଁ ଦେବ, କେଉଟ ତା ବଦଳରେ ରୋଜ ଗୁଡ଼ିଆକୁ ଅଧସେରେ ମାଛ ଦେବ ।

Digitized by srujanika@gmail.com

ଏହିପରି କେତେଦିନ ଗଲା ପରେ ଗୁଡ଼ିଆ କଚେରୀରେ ମକଦ୍ଦମା କରି କହିଲା, "ଏ କେଉଟ ମୋତେ ଓଜନରେ ଠକୁଛି, ସ୍ୱା ଅଧସେରକ ମାଛ ଛ ଛଟାଙ୍କିକୁ ବଳୁନାହିଁ ।"

ବିଚାରପତି କେଉଟକୁ କହିଲେ, "ତୋ ବଟକରା କଚେରୀକୁ ଆଣ; ଆମେ ଓଜନ କରି ଦେଖିବା । ଆଣିବୁ ?"

"ନା, ଆଜ୍ଞା ମୁଁ ଏ ଗୁଡ଼ିଆକୁ ମାଛ ଦେଲାବେଳେ ଅଧସେରୀ ବଟକରା ପକାଇ ତୁଲେ ନାହିଁ । ମୁଁ ଆଁରୁ ଗୋଟାଏ ଥୋଇ ମାଛ ତୁଳ ଦିଏ ।"

❋ ଚୁପ୍ ଚାପ୍ ❋

ଦୁଇଜଣ ପାଖେ ପାଖେ ଲାଗି ରେଳଗାଡ଼ିରେ ବସି ଯାଉଥିଲେ । ତାଙ୍କ ମଧ୍ୟରୁ କୁହାଳିଆ ଜଣକ ଆର ଜଣକୁ ଅନେକ କଥା କହିଲା ଏବଂ ଅନେକ ପ୍ରଶ୍ନ ପଚାରିଲା । କିନ୍ତୁ ଦ୍ୱିତୀୟ ଜଣକ କୌଣସି ଉତ୍ତର ନ ଦେଇ ଚୁପ୍ ହୋଇ ବସିରହିଲା । ପ୍ରଥମ ବ୍ୟକ୍ତି ତାକୁ କଥା କୁହାଇବାର କୌଣସି ଉପାୟ ନ ଦେଖି, ବିଡ଼ି ଖାଇ ବସିଲା । ବିଡ଼ି ପାଉଁଶ ଦ୍ୱିତୀୟ ବ୍ୟକ୍ତିର କୁର୍ତ୍ତାରେ ପଡ଼ିବାରୁ ସେ କହିଲା, "ମୋତେ ମାଫ୍ କରିବ ଭାଇ, ପାଉଁଶ "ତୁମ କୁର୍ତ୍ତାରେ ପଡ଼ିଗଲା ।"

ଦ୍ୱିତୀୟ ବ୍ୟକ୍ତି କର୍କଶ ସ୍ୱରରେ ଉତ୍ତର ଦେଲା, ତୋର କ ଗଲା ? ତୁ ମୋତେ କହିବାକୁ କିଏ ? ତୋ ଗୋଡ଼ରେ ନିଆଁ ଲାଗି ଧରି ଅଧେ ପୋଡ଼ିଗଲାଣି, ଏବେ ଘଡ଼ିଏ ହେଲା । ମୁଁ କଣ ଦେଖି-ନ ଥିଲି । ତୋତେ ସେ କଥାରେ ମୁଁ ପାଟି ଫିଟାଇଛି ? ତୁ କାହିଁକି ମୋତେ କଥା କହୁଛୁ ?"

—❋—

ମୁଦ୍ରଣ : ସରସ୍ୱତୀ ପ୍ରିଣ୍ଟର୍ସ; ସ୍ୱରାଜ ଆଶ୍ରମ; କଟକ-୨

Digitized by srujanika@gmail.com